ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି  ଫୋରମ ଅନ୍ ହ୍ୟୁମାନ୍  ରାଇଟସ୍ ଆନୁକୂଲ୍ୟରେ .....

# ବିଷୟସୂଚୀ

## ୧.ମହିଳାମାନଙ୍କ ଉପରେ ହିଂସା

- ଅଖାରେ ମହିଳାଙ୍କ ଉଲଗ୍ନ ଶବ, ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ.
- ଘରୁ ଟାଣି ନେଇ ଯୁବତୀଙ୍କୁ ଦୁଷ୍କର୍ମ, ଅଭିଯୋଗ ପରେ ୩ ଗିରଫ .
- ମହିଳାଙ୍କୁ ଗାଁ ଦାଣ୍ଡରେ ଗୋଡେଇ ଗୋଡେଇ ପିଟିଲେ.
- ହୋଟେଲରୁ  ପ୍ରେମିକାଙ୍କ ଶବ ଜବତ, ପ୍ରେମିକ ଅଟକ..
- ଯୁବତୀଙ୍କୁ ଗଣଦୁଷ୍କର୍ମ, ୩  ଅଭିଯୁକ୍ତ ଗିରଫ.
- ଆଦିବାସୀ ମହିଳାଙ୍କୁ ଗଣ ଦୁଷ୍କର୍ମ, ୩ ଗିରଫ.
- ୨ ଭଉଣୀଙ୍କୁ ଦୁଷ୍କର୍ମ ଅଭିଯୋଗ, ଯୁବକ ଗିରଫ.
- ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ .
- ହୋଟେଲ କର୍ମଚାରୀଙ୍କୁ ଦୁଷ୍କର୍ମ
- ମହିଳାଙ୍କୁ ଅଶାଳୀନ ବ୍ୟବହାର, ଏସ୍.ପିଙ୍କ ନିକଟରେ ଫେରାଦ.
- ମହିଳାଙ୍କୁ  ଥାନାଧିକାରୀଙ୍କ ଦୁର୍ବ୍ୟବହାର,ଏ.ଏସ. ଆଇ ଫେରାର
- ବାଙ୍କିରେ ଗଣ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ, ଆଦିବାସୀ ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ.

## ୨. ଶିଶୁମାନଙ୍କ ଅଧିକାର  ଉପରେ ହିଂସା.

- ବନ୍ଦ କୋଠରୀରୁ ୨ ଶିଶୁ ଉଦ୍ଧାର

## ୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- ଯୁବକଙ୍କୁ ରାତିରେ ଉଠାଇ ନେଲା ପୋଲିସ.
- ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ, ନ୍ୟାୟ ନ ପାଇ ନିର୍ଯ୍ୟାତିତା ନିରାଶ.
- କାମାକ୍ଷାନଗର ଜେଲରେ ବିଚାରଧୀନ ବନ୍ଦୀଙ୍କ ମୃତ୍ୟୁ.

- କଏଦୀଙ୍କୁ ମଦ ଯୋଗାଇ , ଓବଡର ନିଲମ୍ବିତ.
- ମହିଳାଙ୍କୁ ଦୁର୍ବ୍ୟବହାର ମହଙ୍ଗା ପଡିଲା, ପୁଲିସ ଏସ୍,ଆଇ ନିଲମ୍ବିତ.

୪. ବିକାଶ ପାଇଁ ବିନାଶ.

- ପୋସ୍କୋ ପ୍ରକଳ୍ପ ପ୍ରତ୍ୟାହାର ନିଷ୍ପତିକୁ ବିରୋଧିଙ୍କ ସ୍ଵାଗତ.
- ଜାତିସଙ୍ଘର ହସ୍ତକ୍ଷେପକୁ ରାଜ୍ୟ ସରକାର ପ୍ରତ୍ୟାଖାନ କରନ୍ତୁ.
- ପୋସ୍କୋ ଶିଳାନ୍ୟାସ ଆସନ୍ତାବର୍ଷ.
- ଛଟେଇ ଶ୍ରମିକଙ୍କ କଙ୍କାଳ ଜବତ.
- ଶ୍ରମିକ ଆନ୍ଦୋଳନକୁ ବେଆଇନ ଘୋଷଣା.

୬. କମିଶନଙ୍କ ସମ୍ପର୍କିତ ଖବର.

- କ୍ଷେତ୍ରବାସୀଙ୍କୁ ସୁରକ୍ଷା ଦେବାକୁ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ.
- ମାନବାଧିକାର କମିଶନରେ ତଦନ୍ତ ରିପୋର୍ଟ ଦାଖଲ, ପୋଲିସକୁ କ୍ଲିନ ଚିଟ.

୭.ଅନାହାରରେ ଆଖି ବୁଜିଲେ ସାଗର.

୮. ଝାଡା ବାନ୍ତିରେ ୪୦ ଆକ୍ରାନ୍ତ, ଜଣେ ମୃତ.

୯. ଝାଡା ବାନ୍ତିରେ ଜଣେ ମୃତ, ୧୫ ଆକ୍ରାନ୍ତ.

୧୦. ଡାହାଣୀ ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା, ଅଭିଯୁକ୍ତର ଆତ୍ମସମର୍ପଣ.

# ଅଖାରେ ମହିଳାଙ୍କ ଉଲଗ୍ନ ଶବ: ଦୁଷ୍କର୍ମ ପରେ ହତ୍ୟା!

ବାଲିଶଙ୍କରା,୪/୧୦(ଇମିସ): ତଲସରା ଥାନା ଅର୍ନ୍ତଗତ ସାଗବହାଲ ହାତୀଛାପଲ ରାସ୍ତା କଡରୁ ଆଜି ଏକ ଅଖାରେ ବନ୍ଧା ହୋଇ ପଡିଥିବା ଜଣେ ମହିଳାଙ୍କ ଉଲଗ୍ନ ଶବକୁ ପୁଲିସ ଉଦ୍ଧାର କରିଛି। ରାସ୍ତା କଡ ନାଳରେ ପଡିଥିବା ଏହି ଅଖାବନ୍ଧା ଶବକୁ ନେଇ ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଥିବାବେଳେ ମହିଳାଙ୍କ ପରିଚୟ ମିଳି ପାରିନି। ଗ୍ରାମର ସୀମାନ୍ତ ଅଂଚଳରୁ କୌଣସି ଦୁର୍ବୃର୍ତ୍ତ ମହିଳାଙ୍କୁ ଦୁଷ୍କର୍ମ କରିବା ପରେ ହତ୍ୟା କରି ଅଖା ଭିତରେ ବାନ୍ଧି ହାତୀଛାପଲ ଗ୍ରାମର ରାସ୍ତାକଡ ନାଳରେ ପକାଇ ଫେରାର ହୋଇଯାଇଥିବା ସାଧାରଣରେ ସଂଦେହ କରାଯାଉଛି। ପୁଲିସ ଶବ ଜବତ କରି ଘଟନାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାରୁ ପ୍ରକାଶ ଯେ ଆଜି ସକାଳେ ଝାଡ଼ଖଣ୍ଡ ସୀମାନ୍ତ ହାତୀଛାପଲ ଗ୍ରାମର ରାସ୍ତାକଡ ନାଳରେ ଏକ ବସ୍ତାରେ ଜଣେ ଅଜଣା ମହିଳାଙ୍କ ଶବ ଅଖାରେ ବନ୍ଧା ହୋଇ ପଡିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏ ସଂପର୍କରେ ଖବର ପାଇବା ପରେ ତଲସରା ପୁଲିସ ଘଟନାସ୍ଥଳରେ ପହଞ୍ଚି ଅନୁସଂଧାନକାରୀ କୁକୁର ସାହାଯ୍ୟରେ ଖୋଳତାଡ ଆରମ୍ଭ କରିଥିଲା। ବିଭିନ୍ନ ଲୋକଙ୍କୁ ଡାକି ପଚରାଉଚୁରା କରିଥିଲେ ହେଁ ମୃତା ମହିଳାଙ୍କ କୌଣସି ପରିଚୟ ମିଳି ନଥିଲା। ଅଖା ଭିତରେ ମହିଳାଙ୍କ ଉଲଗ୍ନ ଶବ ବନ୍ଧା ହୋଇ ରହିଥିଲାବେଳେ ଏହାର ଆନୁମାନିକ ବୟସ ୨୫ ମଧ୍ୟରେ ହେବ। ଏ ସଂପର୍କରେ ପୁଲିସ ତଲସରା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଘରୁ ଟାଣି ନେଇ ଯୁବତୀକୁ ଦୁଷ୍କର୍ମ, ୩ଗିରଫ

ଦଶମନ୍ତପୁର,୭/୧୦(ଇମିସ): ଦଶମନ୍ତପୁର ବ୍ଲକ ପରଜା ବେଡାପଦର ପଞ୍ଚାୟତ ମହକୁମାର ଜଣେ ଯୁବତୀଙ୍କୁ ଘରୁ ଟାଣି ନେଇ ଦୁଷ୍କର୍ମ କରାଯାଇଥିବା ଦଶମନ୍ତପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ୨ତାରିଖ ଦିନ ରାତି ପ୍ରାୟ ୭ଟାରେ ସନିଆ ମୁଦୁଲିଙ୍କ ସହ ତାର ଦୁଇ ସହଯୋଗୀ ଲବି ମୁଦୁଲି ଓ ଖୁଦ ମୁଦୁଲି ପୀଡିତାଙ୍କ ଘରକୁ ଆସି ତା' ବାପା ଓ ମା'ଙ୍କ ସହ ଗଣ୍ଡଗୋଳ କରିଥିଲେ। ଏହାର ଘଣ୍ଟାକ ପରେ ସନିଆ ମୁଦୁଲି ପୁଣି ଥରେ ଯୁବତୀର ଘରକୁ ଆସି ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେଇ ବଳ ପୂର୍ବକ ଝିଅକୁ ଟାଣି ନେଇଥିଲେ। ଏହାପରେ ନିକଟରେ ଥିବା ଏକ ସ୍କୁଲ ଘରେ ରାତି ସାରା ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏହି ସମୟରେ ଯୁବତୀ ଜଣକ ପ୍ରତିରୋଧ କରିବାରୁ ତା' ବେକକୁ ଚାପି ଧରି ଜୀବନରେ ମାରିଦେବାକୁ ସନିଆ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଦୁଷ୍କର୍ମ ସମୟରେ ପୀଡିତା ପିନ୍ଧିଥିବା ସୁନା ଗହଣା ହଜି ଯାଇଥିବା ଅଭିଯୋଗ ହୋଇଛି। ସକାଳୁ ଦୁଷ୍କର୍ମ କରିଥିବା ସନିଆ ଗାଁରୁ ଫେରାର ଥିବା ବେଳେ ଯୁବତୀ ଜଣକ ନିକଟସ୍ଥ ଜଙ୍ଗଲରେ ଲୁଚି ରହିଥିଲା। ଝିଅ ଘରକୁ ନଆସିବା ଦେଖି ବାପା ଓ ମା' ଖୋଜାଖୋଜି କରିବା ପରେ ଜଙ୍ଗଲରୁ ଝିଅକୁ ଘରକୁ ଡାକି ନେଇଥିଲେ। ଘଟଣା ସଂପର୍କରେ ଯୁବତୀ ଜଣକ ବାପା ଓ ମା'ଙ୍କୁ ଜଣାଇବା ପରେ ଏନେଇ ୫ତାରିଖରେ ଦଶମନ୍ତପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଏହାପରେ ଦଶମନ୍ତପୁର ଥାନା ଅଧିକାରୀ ସହଦେବ ମହାପାତ୍ର ମୁଖ୍ୟ ଅଭିଯୁକ୍ତ ସନିଆକୁ ୬ତାରିଖରେ ଗିରଫ କରି ତା'ର ଡାକ୍ତରୀ ମାଇନା କରାଇଥିଲେ।

### ଶିଳରେ ଚାଉଳ ବାଟିବାକୁ ନେଇ କଳି

# ମହିଳାଙ୍କୁ ଗାଁଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ପିଟିଲେ

ରାଜନଗର, ୮।୧୦ (ଇମିସ): ଶିଳରେ ଚାଉଳ ବାଟିବାକୁ କେନ୍ଦ୍ରକରି ଦୁଇ ମହିଳା ପାଟିଗୋଳ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଜଣେ ମହିଳାଙ୍କ ଶ୍ୱଶୁର ଅନ୍ୟ ଜଣେ ମହିଳାଙ୍କ ଚୁଟିକୁ ଘୋଷାରି ଚପଲରେ ବାଡ଼େଇବା ସହିତ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ପିଟିବା ଘଟଣା ସମ୍ପ୍ରତି ଆଲୋଡ଼ନ ସୃଷ୍ଟି କରିଛି। ମହିଳା ଜଣକ ଚେତାହରାଇ ବସିଛନ୍ତି। ତାଙ୍କୁ ପ୍ରଥମେ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ ରାଜନଗର ବ୍ଲକ୍ ଡାଙ୍ଗମାଳ ପଞ୍ଚାୟତର ବଡ଼ାଡ଼ିଆ ଗ୍ରାମର ମହେଶ୍ୱର ବେହେରାଙ୍କ ବୋହୂ ଉମା ବେହେରା ଓ ଭାଇଆରେ ପୁଷ୍ପାଲତା ବେହେରାଙ୍କ ମଧ୍ୟରେ ଶିଳରେ ଚାଉଳ ବାଟିବାକୁ କେନ୍ଦ୍ର କରି କଳି ହୋଇଥିଲା। ଦୁଇଜଣଙ୍କ ମଧ୍ୟରେ କଳି ହେଉଥିବା ବେଳେ ହଠାତ୍ ମହେଶ୍ୱର ବେହେରା ଦୌଡ଼ି ଆସି ପୁଷ୍ପଲତାଙ୍କ ଚୁଟିକୁ ଘୋଷାରି ନିକଟରେ ଥିବା ବାଡ଼କୁ ଓପାଡ଼ି ବାଡ଼େଇ ଥିଲେ। ପୁଷ୍ପଲତା ଚିତ୍କାର କରି ଗାଁ ଦାଣ୍ଡରେ ଦୌଡ଼ୁଥିବା ବେଳେ ମହେଶ୍ୱର ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏଥିସହ ପୁଷ୍ପଲତା ପଡ଼ିଯିବା ପରେ ତାଙ୍କୁ ସର୍ବ ସମ୍ମୁଖରେ ଚପଲରେ ମଧ୍ୟ ବାଡ଼େଇ ଥିଲେ। ମାଡ଼ ଖାଇ ସେ କଂକ୍ରିଟ୍ ରାସ୍ତାରେ ପଡ଼ିଯିବା ଯୋଗୁଁ ପୁଷ୍ପଲତାଙ୍କ ମୁଣ୍ଡ ପଛପଟ ମାଡ଼ ହୋଇଯିବାରୁ ସେ ଅଚେତ ହୋଇଯାଇଥିଲେ। ପୁଷ୍ପଲତାଙ୍କ ସ୍ୱାମୀ ଉଦୟ କେରଳରେ କାମ କରୁଥିବାରୁ ଓ ତାଙ୍କ ଘରେ ୪ ଓ ୭ ବର୍ଷ ଦୁଇ କୁନି କୁନି ପୁଅ ଥିବାରୁ ପୁଷ୍ପଲତା ଅଚେତ ଅବସ୍ଥାରେ ଗାଁ ଦାଣ୍ଡରେ ଘଣ୍ଟାଏ କାଳ ପଡ଼ି ରହିଥିଲେ। ତାଙ୍କର କେହି ନ ଥିବାରୁ ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପୁଷ୍ପଲତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଂକଟାପନ୍ନ ଥିବାରୁ ପୁଷ୍ପଲତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ଖବର ପାଇ ତାଳଚୁଆ ଫାଣ୍ଡି ଅଫିସର ନୃସିଂହ ଚରଣ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଛନ୍ତି।

# ହୋଟେଲରୁ ପ୍ରେମିକାଙ୍କ ଶବ ଜବତ: ପ୍ରେମିକ ଅଟକ

ପୁରୀ, ୮/୧୦(ଇମିସ): ଚକ୍ରତୀର୍ଥ ରୋଡ଼ସ୍ଥିତ ଏକ ହୋଟେଲର ବାଥରୁମ୍ ମଧ୍ୟରୁ ଜନୈକ ପ୍ରେମିକାଙ୍କ ଶବ ଉଦ୍ଧାର କରାଯାଇଥିବା ବେଳେ ତାଙ୍କ ସହିତ ଆସିଥିବା ପ୍ରେମିକଙ୍କୁ ପୁଲିସ ଅଟକ ରଖି ପଚରା ଉଚରା କରୁଛି। ସମୁଦ୍ରକୂଳ ଥାନା ପୁଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ରୁଜୁକରି ଶବକୁ ଜବତ କରିଥିବା ବେଳେ ତାଙ୍କ ପରିବାର ଲୋକଙ୍କୁ ଡକାଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ଯେ ଆଜି ପୂର୍ବାହ୍ନରେ ଚକ୍ରତୀର୍ଥ ରୋଡ୍‌ସ୍ଥିତ ହୋଟେଲ ଶ୍ରୀକ୍ରିଷ୍ଣାର ୭ ନମ୍ବର ରୁମ୍ ମଧ୍ୟରୁ ଜନୈକ ମହିଳାଙ୍କର ଶବ ମିଳିଥିଲା। ମୃତ ମହିଳା ଜଣକ ଯାଜପୁର ଜିଲ୍ଲା ରାମବାଗ ନିବାସୀ ମାନସୀ ସେଠୀଙ୍କର ବୋଲି ଜଣାପଡ଼ିଛି। ସେ ତାଙ୍କ ପ୍ରେମିକ ସାଲେପୁର ଛାଣିପୁର ଅନ୍ତର୍ଗତ ଶଙ୍କରପୁର ନିବାସୀ ଉମାକାନ୍ତ ବେହେରାଙ୍କ ସହିତ ପୁରୀକୁ ବୁଲିବାକୁ ଆସିଥିଲେ। ଗତ କାଲି ବିଳମ୍ବିତ ରାତିରେ ସେ ପାରାଦ୍ୱୀପ-ପୁରୀ ଟ୍ରେନରେ ଆସି ପୁରୀ ଷ୍ଟେସନରେ ପହଞ୍ଚିଥିଲେ। ଏଠାରେ ପହଞ୍ଚିବା ପରେ ତାଙ୍କୁ ଜନୈକ ଅଟୋଚାଳକ ନେଇ ଶ୍ରୀକ୍ରିଷ୍ଣା ହୋଟେଲରେ ରଖାଇଥିଲା। ଉମାକାନ୍ତ ଓ ମାନସୀ ଉଭୟ ନିଜକୁ ପତି ପତ୍ନୀ ବୋଲି ପରିଚୟ ଦେଇ ୭ ନମ୍ବର ରୁମରେ ୩୦୦ ଟଙ୍କା ଦେଇ ରହିଥିଲେ। ଆଜି ପୂର୍ବାହ୍ନରେ ଉମାକାନ୍ତ ପ୍ରଥମେ ବାଥରୁମ୍ ଯାଇ ସ୍ନାନ କରିବା ପରେ ମାନସୀ ଗାଧୋଇବାକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ଧରି ମାନସୀ ବାଥରୁମରେ ରହିବାରୁ ଉମାକାନ୍ତଙ୍କର ସନ୍ଦେହ ହୋଇଥିଲା। ବାଥରୁମ ପାଖକୁ ଯାଇ ଶବ୍ଦ ଶୁଣିବାକୁ ଚେଷ୍ଟା କରିବାରୁ ଭିତରୁ କୌଣସି ଶବ୍ଦ ଆସିନଥିଲା। ତେଣୁ ସନ୍ଦେହରେ ଉମାକାନ୍ତ ହୋଟେଲର ମ୍ୟାନେଜରର ସହାୟତାରେ ବାଥରୁମର କବାଟ ଭାଙ୍ଗି ଭିତରେ ପଶିଥିଲେ। ବାଥରୁମ୍ ଭିତରେ ମାନସୀ ଉଲଗ୍ନ ଅବସ୍ଥାରେ ମୁହଁମାଡ଼ି ପଡ଼ିଥିଲେ। ତେଣୁ ତାଙ୍କୁ ସଙ୍ଗେ ସଙ୍ଗେ ଉମାକାନ୍ତ ଚିକିତ୍ସା ଲାଗି ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ମାନସୀଙ୍କୁ ଡାକ୍ତର ମୃତ ଘୋଷଣା କରି ପୁଲିସକୁ ଖବର ଦେଇଥିଲେ। ସମୁଦ୍ରକୂଳ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମାନସୀଙ୍କର ଶବକୁ ଜବତ କରି ଉମାକାନ୍ତଙ୍କୁ ଅଟକ ରଖି ପଚରା ଉଚରା କରିଥିଲେ। ଇତିମଧ୍ୟରେ ମାନସୀଙ୍କ ପରିବାର ଲୋକଙ୍କୁ ମଧ୍ୟ ଏ ସମ୍ପର୍କରେ ଖବର ଦିଆଯାଇଥିଲା। ଅଟକ ଥିବା ଉମାକାନ୍ତ ପୁଲିସ ନିକଟରେ ସ୍ୱୀକାର କରିଛି ଯେ ସେ ମାନସୀଙ୍କୁ ଭଲ ପାଉଥିଲେ। ଗତକାଲି ସେମାନେ କଟକରୁ ପୁରୀକୁ ଆସିଥିଲେ। ମାନସୀ ପୂର୍ବରୁ ଜଣକୁ ବିବାହ କରିଥିବା ବେଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ପରେ ମାନସୀଙ୍କ ସହିତ ଉମାକାନ୍ତର ସମ୍ପର୍କ ଗଢ଼ି ଉଠିଥିଲା। ଗତକାଲି ସେମାନେ ପୁରୀକୁ ଆସି ଶ୍ରୀକ୍ରିଷ୍ଣା ହୋଟେଲରେ ଏକତ୍ର ରାତ୍ରୀଯାପନ କରିଥିଲେ। ଆଜି ସନ୍ଧ୍ୟାରେ ମାନସୀଙ୍କର ପରିବାର ଲୋକେ ପୁରୀରେ ଆସି ପହଞ୍ଚିଥିବା ବେଳେ ସେମାନଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

# ଯୁବତୀଙ୍କୁ ଗଣ ଦୁଷ୍କର୍ମ, ୩ ଅଭିଯୁକ୍ତ ଗିରଫ

ରାଉରକେଲା,୯/୧୦(ଇମିସ):ଗତକାଲି ରାତିରେ ରିଂରୋଡ଼ ନିକଟସ୍ଥ ଟେଷ୍ଟିଂ ଲାବୋରେଟୋରି ପାଖରେ ଥିବା ନିଛାଟିଆ ସ୍ଥାନରେ ଜଣେ ଯୁବତୀଙ୍କୁ ୩ ଜଣ ଯୁବକ ଦୁଷ୍କର୍ମ କରିଥିବା ଜଣାପଡ଼ିଛି । ଏ ନେଇ ଯୁବତୀ ଜଣକ ରଘୁନାଥପାଲି ଥାନାରେ ଏତଲା ଦେବା ପରେ ପୁଲିସ୍ ନିକଟସ୍ଥ ଆମ୍ବେଦକର ବସ୍ତିରେ ଚଢ଼ଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ-ରାକେଶ ସାହୁ(୨୬), ସୁଶିଲ ଦାସ ଓରଫ ବାବୁ(୧୯) ଓ ଜିତେନ୍ଦ୍ର ରାଜହଂସ(୨୬) ବୋଲି ଜଣାପଡ଼ିଛି । ଆଜି ଯୁବତୀ ଓ ସଂପୃକ୍ତ ୩ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା କରାଯାଇଛି ବୋଲି ଥାନା ଅଧିକାରୀ ଆର.କେ. ଦୋରା ପ୍ରକାଶ କରିଛନ୍ତି ।



ଏସ୍‌ଟିଆଇ ଗେଟ୍ ନିକଟରେ ରହୁଥିବା ଯୁବତୀ ଜଣକର ଅଭିଯୋଗ ଅନୁଯାୟୀ ସେ ତାଙ୍କ ଭାଇଙ୍କର ସାଙ୍ଗ ସହ ବାସନ୍ତୀ କଲୋନିକୁ ଜଳଖିଆ ଆଣିବାକୁ ଯାଉଥିଲେ । ସେମାନେ ଏନ୍‌ସିସି କ୍ୟାମ୍ପସ୍ ପାଚେରିକୁ ଲାଗିଥିବା ଅଣଓସାରିଆ ତଥା ଅନ୍ଧାରିଆ ରାସ୍ତାରେ ବାଇକ୍ ଯୋଗେ ଯାଉଥିବା ବେଳେ ୩ ଜଣ ଯୁବକ ସେମାନଙ୍କୁ ଅଟକାଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଭୁଜାଲି ଦେଖାଇ ସେମାନଙ୍କୁ ଭୟଭୀତ କରିଥିବା ବେଳେ ଅନ୍ୟ ୨ ଜଣ ଯୁବକ ସେମାନଙ୍କୁ ଟାଣି ଟାଣି ନିକଟସ୍ଥ ଜଙ୍ଗଲିଆ ସ୍ଥାନକୁ ନେଇ ଯାଇଥିଲେ । ସେମାନେ ଯୁବକ ଜଣକୁ ଗୋଟିଏ ଗଛରେ ବାନ୍ଧି ଦେବା ସହ ଜଣେ ଅଭିଯୁକ୍ତ ତାଙ୍କୁ ଭୁଜାଲି ଦେଖାଇ ଜଗି ରହିଥିଲେ । ଅନ୍ୟ ୨ ଅଭିଯୁକ୍ତ ଯୁବତୀ ଜଣକୁ ଜଣକ ପରେ ଜଣେ ଦୁଷ୍କର୍ମ କରିଥିଲେ । ଏହା ପରେ ପୂର୍ବରୁ ଜଗି ରହିଥିବା ଯୁବକ ଜଣକ ମଧ୍ୟ ଆସି ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ଏହି କୁକାର୍ଯ୍ୟ ପରେ ସେମାନେ ସଂପୃକ୍ତ ଯୁବକଙ୍କ ଠାରୁ ୬୦୦ ଟଙ୍କା ଲୁଟି ନେବା ସହ ଏହି କଥା କାହାରିକୁ ନକହିବା ଲାଗି ତାଗିଦ୍ କରିଥିଲେ । ତେବେ ଯୁବତୀ ଜଣକ ଘରେ ପହଂଚିବା ପରେ କାନ୍ଦି କାନ୍ଦି ତାଙ୍କର ମାଁ ଙ୍କ ଆଗରେ ସବୁ କଥା କହିଥିଲେ । ତୁରନ୍ତ ସେମାନେ ରଘୁନାଥପାଲି ଥାନାକୁ ଯାଇ ଏ ସମ୍ପର୍କରେ ଅଭିଯୋଗ କରିଥିଲେ । ଅଭିଯୁକ୍ତମାନେ ଆମ୍ବେଦକରନଗର ଅଂଚଳର ବୋଲି ଯୁବତୀ ଜଣକ ପୁଲିସ୍‌କୁ ସୂଚନା ଦେଇଥିଲେ । ଏହି ସୂଚନାକୁ ଆଧାର କରି ପୁଲିସ୍ ଆମ୍ବେଦକର ନଗର ବସ୍ତିରେ ଚଢ଼ଉ କରିଥିଲା । ଦୀର୍ଘ ସମୟ ଚଢ଼ଉ ପରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଠାବ କରିବାରେ ସକ୍ଷମ ହୋଇଥିଲା । ଏହି ଅଭିଯୁକ୍ତମାନେ ଉକ୍ତ ଅନ୍ଧାରିଆ ଓ ସଂକୀର୍ଣ୍ଣ ରାସ୍ତାରେ ବିଭିନ୍ନ ସମୟରେ ଲୁଟ୍‌ପାଟ୍ କରି ଆସୁଥିଲେ ବୋଲି ସୂଚନା ମିଳିଛି ।

# ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ: ୩ ଗିରଫ

ଚିତ୍ରଡା, ୧୧।୧୦(ଇମିସ): ଜଣେ ଆଦିବାସୀ ମହିଳାଙ୍କ ସହ ଗଣ ଦୁଷ୍କର୍ମ ଅଭିଯୋଗରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

ଖବରରୁ ପ୍ରକାଶ ଯେ ପଶ୍ଚିମବଙ୍ଗ ନୟାଗ୍ରାମ ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳା ସ୍ଥାନୀୟ ପାଇକା ଠାରେ ଯାତ୍ରା ଦେଖି ଘରକୁ ଫେରୁଥିଲେ । ରାସ୍ତାରେ ପିଛା କରୁଥିବା ତିନି ଯୁବକ ରବୀନ୍ଦ୍ର ବେହେରା, ମୁନା ବିନ୍ଧାଣୀ ଓ ଗୌତମ ବେହେରା ଗୋଟିଏ ମଟରସାଇକଲରେ ମହିଳାଙ୍କୁ ଉଠାଇ ଆଣି ମୋରଡା ଥାନା ଅଞ୍ଚଳ ବଡଶୋଳ ଗ୍ରାମ ନିକଟ ଭାତଛତର ଜଙ୍ଗଲରେ ଗଣ ଦୁଷ୍କର୍ମ କରିଥିଲେ । ଦୁଷ୍କର୍ମ ପରେ ଦୁର୍ବୃତମାନେ ମହିଳାଙ୍କ ପାଟିରେ ଗାମୁଛା ବାନ୍ଧି, ମଟରସାଇକଲରେ ବସାଇ ନେଇଯାଉଥିବାବେଳେ ଲୋକମାନେ ଦେଖି ସନ୍ଦେହରେ ଅଟକ ରଖିଥିଲେ । ପରେ ସମସ୍ତ ଘଟଣାର ରହସ୍ୟ ଜଣାପଡିଥିଲା । ସ୍ଥାନୀୟ ଲୋକମାନଙ୍କ ସହାୟତାରେ ମହିଳା ଆସି ଥାନାରେ ଅଭିଯୋଗ କରିବା ପରେ ମୋରଡା ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ଘଟଣାର ତଦନ୍ତ କରିବା ସହ ତିନି ଅଭିଯୁକ୍ତ ଶୁଳିଆପଦା ଥାନା ଅଧୀନ ଦାମୋଦରପୁର ଗ୍ରାମର ରବୀନ୍ଦ୍ର ବେହେରା, ମୋରଡା ଥାନା ଭାତଛତର ଗ୍ରାମର ମୁନା ବିନ୍ଧାଣୀ ଓ ଶରତ ଥାନା ଅଧୀନ ଶରତ ଗ୍ରାମର ଗୌତମ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଦୁଇ ଭଉଣୀକୁ ଦୁର୍ଷ୍କର୍ମ ଅଭିଯୋଗ: ଯୁବକ ଗିରଫ

ନାରାୟଣପାଟଣା, ୧୧/୧୦(ଇମିସ): ଆଜି ବନ୍ଧୁଗାଁ ପୁଲିସ ଦୁଷ୍କର୍ମ ଅଭିଯୋଗରେ ଗାରିଡି ଗ୍ରାମର ଧନଂଜୟ ଖରା(୨୫)ନାମକ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଗୋଟିଏ ପରିବାରର ଦୁଇଟି ଝିଅକୁ ପ୍ରଲୋଭିତ କରି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଦ୍ୱାରା ମିଳିଥିବା ସୂଚନା ଅନୁସାରେ ଗାରିଡି ଗ୍ରାମର ସୁରୁ ଖରାଙ୍କ ପୁଅ ଧନଂଜୟ ଖରା ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଦୁଇ ଝିଅ ମଧ୍ୟରୁ ବଡ଼ଝିଅକୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସଂପର୍କ ରଖିଥିଲେ। ସେ ୭ ମାସର ଗର୍ଭବତୀ ହେବାପରେ ପରିବାର ଲୋକେ ଏସଂପର୍କରେ ପଚାରିଥିଲେ। ପରିବାର ଲୋକଙ୍କ ଚାପରେ ଯୁବତୀ ଜଣକ ଗତ ମାସ ୨୨ ତାରିଖରେ ଧନଂଜୟଙ୍କ ଘରକୁ ଯାଇ ବିବାହ ପାଇଁ ଅଡି ବସିଥିଲେ। ଧନଂଜୟ ବାଧ୍ୟ ହୋଇ ତାଙ୍କୁ ଘରେ ରଖିଥିଲେ। କିନ୍ତୁ ସେହି ରାତିରେ ବେଳେ ଧନଂଜୟ ଯୁବତୀଙ୍କ ସାନ ଭଉଣୀକୁ ଉଠାଇ ନେଇ ଚାଲିଯାଇଥିଲା। ପରିବାର ଲୋକେ ସକାଳେ ଖୋଜାଖୋଜି କରିଥିଲେ ମଧ୍ୟ ଉଭୟଙ୍କ ଖୋଜଖବର ପାଇନଥିଲେ। ଫଳରେ ବନ୍ଧୁଗାଁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୁଲିସ ଉକ୍ତ ରିପୋର୍ଟ ପାଇବାପରେ ସୁରୁ ଏବଂ ତାଙ୍କ ପରିବାର ଲୋକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବାପରେ ଧନଂଜୟ ଯୁବତୀ ଜଣକୁ ନେଇ ଇର୍କୁବାଡିରେ ରହିଥିବା ଜଣାପଡ଼ିଥିଲା। ଆଜି ଉଭୟ ବନ୍ଧୁଗାଁରେ ପହଞ୍ଚିବା ପରେ ଡାକ୍ତରୀ ମାଇନା କରାଯିବା ସହ ଧନଂଜୟକୁ ଗିରଫ କରାଯାଇଛି ବୋଲି ବନ୍ଧୁଗାଁ ଥାନା ଅଧିକାରୀ ବିକେ ମଲ୍ଲିକ ସୂଚନା ଦେଇଛନ୍ତି।

# ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ

ଜୟପୁର, ୧୫/୧୦(ଇମିସ): ମଦ୍ୟପ ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ କୁନି କିର୍ଷାନୀଙ୍କ ମୃତ୍ୟୁ ହୋଇଛି। ଜୟପୁର ସଦର ଥାନା ଅନ୍ତର୍ଗତ ବୈରାଗିମଠ ଗ୍ରାମର କୃପା କିର୍ଷାନୀ ଗତକାଲି ମଦ୍ୟପାନ କରି ପତ୍ନୀ କୁନି କିର୍ଷାନୀଙ୍କ ସହ ଝଗଡ଼ା କରିଥିଲେ। ଏହି ସମୟରେ କୃପା ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ପତ୍ନୀ କୁନିର ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ରକ୍ତାକ୍ତ ଅବସ୍ଥାରେ ତଳେ ପଡିଯିବା ସହ ଘଟଣାସ୍ଥଳରେ ହିଁ କୁନିଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଆମ୍ବାଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ କୃପାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ହୋଟେଲ୍ କର୍ମଚାରୀଙ୍କୁ ଦୁଷ୍କର୍ମ

ପୁରୀ, ୧୭/୧୦(ଇମିସ): ଗତ ପନ୍ଦର ଦିନ ପୂର୍ବେ ଏକ ହୋଟେଲରେ ଜନୈକ ମହିଳା କର୍ମଚାରୀଙ୍କୁ ମାଲିକଙ୍କ ଭଣଜା ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତି କରି ସିଂହଦ୍ୱାର ଥାନା ପୁଲିସ ଏକ ଧର୍ଷଣ ଅଭିଯୋଗ କରି ଉଭୟଙ୍କୁ ଡାକ୍ତର ମାଇନା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମାତ୍ର ଡାକ୍ତରୀ ମାଇନା କରାଇବାକୁ ସମ୍ପୃକ୍ତ ମହିଳା ମନା କରିବାରୁ ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିନଥିବା ଜଣାପଡ଼ିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଏମାର ମଠ ନିକଟସ୍ଥ ଯୋଷୀ ଭୋଜନାଳୟରେ ୩୨ ବର୍ଷିୟା ମହିଳା ମିତା(ଛଦ୍ମନାମ) ଦୀର୍ଘ ଦୁଇ ମାସ ଧରି କାମ କରୁଥିଲେ। ମାତ୍ର ଗତ ପନ୍ଦର ଦିନ ପୂର୍ବେ ହୋଟେଲ ମାଲିକଙ୍କ ଭଣଜା ରାମଦେବ ଉପାଧ୍ୟାୟ ଏହି ହୋଟେଲରେ ତାଙ୍କୁ ଧର୍ଷଣ କରିଥିଲା। ଏହାର ପ୍ରତିବାଦ କରିବାରୁ ମିତାଙ୍କୁ ଗତକାଲି ହୋଟେଲରୁ ବାହାର କରି ଦିଆଯାଇଥିଲା। ଆଜି ମିତା ସିଂହଦ୍ୱାର ଥାନାରେ ରାମଦେବଙ୍କ ବିରୋଧରେ ଧର୍ଷଣ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ଧର୍ଷଣ ମାମଲା ରୁଜୁ କରି ଉଭୟଙ୍କୁ ଡାକ୍ତରୀ ମାଇନା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମାତ୍ର ସେଠାରେ ମିତା ନିଜର ଡାକ୍ତରୀ ମାଇନା କରାଇବାକୁ ମନା କରିଥିଲେ। ତେଣୁ ସିଂହଦ୍ୱାର ପୁଲିସ ରାମଦେବଙ୍କୁ କୋର୍ଟଚାଲାଣ କରିନଥିଲା।

## ମହିଳାଙ୍କୁ ଅଶାଳୀନ ବ୍ୟବହାର

# ଏସ୍‌ପିଙ୍କୁ ଫେରାଦ

ପୁରୀ, ୧୮/୧୦(ଇମିସ): ଗତ ବୁଧବାର ଦିନ ସଦର ଥାନା ଅନ୍ତର୍ଗତ କପିଳେଶ୍ୱରପୁରର ବିନ୍ଧେଇବସ୍ତ ଗ୍ରାମରେ ଜନୈକ ମହିଳାଙ୍କୁ ଅଶାଳୀନ ବ୍ୟବହାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ସଦର ଥାନାରେ ପୁଲିସ ଏହି ମହିଳାଙ୍କ ଅଭିଯୋଗକୁ ଗ୍ରହଣ ନକରିବାରୁ ଶେଷରେ ସେ ଏସପିଙ୍କ ନିକଟରେ ଫେରାଦ କରିଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ଯେ ଗତ ୧୬ ତାରିଖ ଅପରାହ୍ନରେ ବିନ୍ଧେଇବସ୍ତ ନିବାସୀ ସୁଦର୍ଶନ ଭୋଇଙ୍କ ପତ୍ନୀ ତଳି ତାଙ୍କର ଦୁଇ ଝିଅକୁ ନେଇ ଗ୍ରାମରେ ଥିବା ଏକ ନଳକୂପରେ ଗାଧୋଉଥିଲେ। ଏହି ସମୟରେ ସେହି ଗ୍ରାମର କେତେକ ଯୁବକ ପହଞ୍ଚି ନଳକୂପରେ ପିଲାମାନଙ୍କୁ ଗାଧୋଇବାକୁ ମନା କରି ଗାଳିଗୁଲଜ କରିଥିଲେ। ତଳିଙ୍କୁ ସେମାନେ ମାରପିଟ କରିବା ସମୟରେ ସେ ଚିତ୍କାର କରିଥିଲେ। ଫଳରେ ସେଠାରେ ସୁଦର୍ଶନ ଓ ଅନ୍ୟମାନେ ପହଞ୍ଚିବାରୁ ଅଭିଯୁକ୍ତମାନେ ତଳିଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ କାହାରିକୁ କହିଲେ କିରୋସିନି ପକାଇ ପୋଡ଼ି ଦିଆଯିବ ବୋଲି ଧମକ ଦିଆଯାଇଥିଲା। ମାତ୍ର ସେ ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ତାଙ୍କୁ ସନ୍ତୁଷ୍ଟଜନକ ଉତ୍ତର ଦେଇପାରିନଥିଲେ। ତେଣୁ ତଳି ଆଜି ଏସପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ମାତ୍ର ଗତ କାଲି ଏହି ବିବାଦ ପୁଲିସର ଉପସ୍ଥିତିରେ ଥାନାରେ ଆପୋଷ ବୁଝାମଣା ହୋଇଛି ବୋଲି ପୁଲିସ କହିଛି

SAMBAD
ସମ୍ବାଦ | ଆମ ରାଜ୍ୟ

# ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ: ଏସ୍‌ଆଇ ଫେରାର୍!

ରାଜକନିକା,୫।୧୦(ଇମିସ): ଖାକି ପୋଷାକରେ ପୁଣି ଲାଗିଛି ଦାଗ। ଜଣେ ପୁଲିସ୍ ଏସ୍‌ଆଇ ଅଭିଯୋଗକାରିଣୀ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର କରିବା ଏବଂ ବାରମ୍ବାର ଫୋନ୍ କରି ନିଜ କ୍ୱାର୍ଟରକୁ ଡାକିବା ଭଳି ଏକ ଗୁରୁତର ଅଭିଯୋଗ ଗତକାଲି ଶୁକ୍ରବାର ରାତି ୯ଟା୩୦ରେ ରାଜକନିକା ଥାନାରେ ହୋଇଛି। ଅଭିଯୁକ୍ତ ଏସ୍‌ଆଇ ଶୁକ୍ରବାର ଠାରୁ କେଉଁଆଡେ ଫେରାର୍ ହୋଇଯିବା ଘଟଣା ସାରା ରାଜକନିକା ଅଂଚଳରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି।

ଅଭିଯୋଗରୁ ପ୍ରକାଶ ଯେ ରାଜକନିକା ଥାନା ଅନ୍ତର୍ଗତ ବଳରାମପୁର ପଞ୍ଚାୟତସ୍ଥ ଦେଓଗାଁର ଜଣେ ୩୭ ବର୍ଷୀୟା ମହିଳା ଗତ ମାସ ୧୪ ତାରିଖ ଦିନ ରାଜକନିକା ଥାନାକୁ ଏକ ଲିଖିତ ଅଭିଯୋଗ ନେଇ ଆସିଥିଲେ। ଥାନା ଅଧିକାରୀଙ୍କ ଅନୁପସ୍ଥିତିରେ ଏସ୍‌ଆଇ ଶ୍ରୀଧର ମହାଳିକ ଅଭିଯୋଗ ରଖିବା ସହ ବାହାରକୁ ଆସି ମହିଳାଙ୍କୁ ଡାକି ନିରୋଳାରେ ଆସିବାକୁ କହିଥିଲେ। "ଭିଡ଼ରେ କ'ଣ ବୁଝିହେବ? ଏକା ଥିବା ବେଳେ ଆସିଲେ ତୁମ କଥା ମୁଁ ବୁଝିଦେବି" ବୋଲି ଏସ୍‌ଆଇ ଶ୍ରୀ ମହାଳିକ କହିଥିଲେ। ମହିଳାଙ୍କ ସ୍ୱାମୀ ଓଡିଶା ବାହାରେ ରୁହନ୍ତି। ଘରେ ଏକମାତ୍ର ପୁଅକୁ ଛାଡି ଆସିଥିବାରୁ ସେ ସେ ତରବରରେ ଘରକୁ ଫେରିଥିଲେ। ପରଦିନ ଅର୍ଥାତ୍ ୧୫ ତାରିଖ ଅଭିଯୋଗପତ୍ରରୁ ଫୋନ୍ ନମ୍ବର ନେଇ ଏସ୍‌ଆଇ ଶ୍ରୀ ମହାଳିକ ତାଙ୍କୁ ଫୋନ୍ କରି କ'ଣ କରୁଛ ବୋଲି ପଚାରିଥିଲେ। ସେ ଏହି ମହିଳାଙ୍କୁ ଆଜେବାଜେ କଥା ପଚାରିଥିଲେ। "ଦିନ ୨ଟା ସମୟରେ ମୋ କ୍ୱାର୍ଟରକୁ ଆସିବ, ତୁମ କଥା ବୁଝି ଦେବା" ବୋଲି ଏହି ଏସ୍‌ଆଇ ଜଣକ କୁଆଡ଼େ କହିଥିଲେ। ଏ ସଂପର୍କରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ମହିଳାଙ୍କ ସ୍ୱାମୀ ଏସ୍‌ଆଇଙ୍କୁ ଫୋନ୍ କରି "ସେ ଯାଇପାରିବେ ନାହିଁ, ତାଙ୍କ ଦେହ ଖରାପ ଅଛି" ବୋଲି କହିଥିଲେ। ଏସ୍‌ଆଇ ଶ୍ରୀ ମାହାଳିକ ପୁଣି ତା'ପରଦିନ ମହିଳାଙ୍କୁ ଫୋନ୍ କରି ତମ ଦେହ କ'ଣ ଖରାପ, ଦେଖିବାକୁ ଯିବି ବୋଲି ପଚାରିଥିଲେ। ମହିଳା ଜଣକ ମନା କରିବା ସତ୍ତ୍ୱେ ୧୬ ତାରିଖ ସନ୍ଧ୍ୟାରେ ଏସ୍‌ଆଇ ତାଙ୍କ ଦେଓଗାଁ ଘରେ ପହଞ୍ଚିଥିଲେ। ମହିଳା ଜଣଙ୍କ ଏସ୍‌ଆଇଙ୍କୁ ଚେୟାର୍ ଦେଇଥିଲେ ବସିବା ପାଇଁ । କିନ୍ତୁ ସେ ଚେୟାର୍‌ରେ ନବସି ସିଧା ଘର ଭିତରକୁ ଯାଇଥିଲେ। ଘରେ ମହିଳା ଏବଂ ତାଙ୍କ ପୁଅ ଥିଲେ। ପୁଅକୁ ବଜାରକୁ ସିଗାରେଟ୍ ପାଇଁ ପଠାଇ ମହିଳାଙ୍କ ସହିତ କଥାବାର୍ତ୍ତା କରିବା ଆଳରେ ତାଙ୍କୁ କୁଣ୍ଢାଇ ଧରି ତାଙ୍କ ସମ୍ବେଦନଶୀଳ ଅଙ୍ଗ ପ୍ରତ୍ୟଙ୍ଗରେ ହସ୍ତ ଚାଳନା କରିଥିଲେ। ମହିଳା ଜଣକ ଏହାର ବିରୋଧ କରିବାରୁ "ତୁମର ଡରିବାର ନାହିଁ, ମୁଁ ତୁମ କଥା ବୁଝିବି, ତୁମର ଯାହା ଦରକାର ଦେବି, ତୁମେ ଖାଲି ମୋ କଥା ବୁଝ" ବୋଲି ସେ କହିଥିଲେ। ଆସିବା ବେଳେ ଏ ବିଷୟରେ କାହାକୁ କିଛି ନ କହିବାକୁ କହି ଆସିଥିଲେ। ମହିଳା ଜଣକ ଏଥିରେ ଭୟଭୀତ ହୋଇ ଏ ସଂପର୍କରେ ନିଜ ସ୍ୱାମୀଙ୍କୁ ଜଣାଇଥିଲେ। ସ୍ୱାମୀଙ୍କ ମତାମତ ନେଇ ଗତକାଲି ଶୁକ୍ରବାର ରାତି ୯ଟା ୩୦ରେ ମହିଳା ଜଣକ ରାଜକନିକା ଥାନାରେ ଆଇଆଇସି ବିଜୟ ମଲ୍ଲିକଙ୍କୁ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ। ଥାନାରେ ଅଭିଯୋଗ ପରେ ଏସ୍‌ଆଇ ଶ୍ରୀ ମାହାଳିକ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଦେଖା କରିବାକୁ ଯିବା ଆଳରେ ଫେରାର୍ ଅଛନ୍ତି। ଆଜି ଉକ୍ତ ଘଟଣାରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରାମଚନ୍ଦ୍ର ଗୌଡ ତଦନ୍ତ କରି ଫେରିବା ସହିତ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ କେସ୍ ନମ୍ବର ୧୫୮/୧୩ରେ ଏକ କେସ୍ ରୁଜୁ କରାଯାଇଛି। ଏଭଳି ଏକ ସ୍ପର୍ଶକାତର ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ବାଙ୍କୀରେ ଗଣଦୁଷ୍କର୍ମ, ହତ୍ୟା ଉଦ୍ୟମ

## ପୀଡ଼ିତା ଆଦିବାସୀ ମହିଳା ସଂକଟାପନ୍ନ

- ହାତଗୋଡ଼ ବନ୍ଧା, ଅଚେତ ଅବସ୍ଥାରେ ଉଦ୍ଧାର
- ବଡ଼ ମେଡିକାଲରେ ମରଣ ସହ ଲଢୁଛନ୍ତି
- ସନ୍ଦେହରେ ଦୁଇ ଜଣ ଅଟକ

ବାଙ୍କୀ,୬।୧୦(ଇମିସ): କଟକ ଜିଲ୍ଲା କିଶନନଗର ଗଣଦୁଷ୍କର୍ମ ଘଟଣାକୁ ୧୫ଦିନ ପୂରି ନଥିବା ବେଳେ ଆଜି ପୁନର୍ବାର ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ପଞ୍ଚାୟତର କୁଅମଡ଼ା ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଆଦିବାସୀ ମହିଳା(୨୭)ଙ୍କ ସହ ଗଣଦୁଷ୍କର୍ମ କରିବା ପରେ ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ମହିଳାଙ୍କୁ ଅତି ନିର୍ମମ ଭାବେ ଆକ୍ରମଣ କରାଯାଇଛି । ମହିଳାଙ୍କୁ ହାତଗୋଡ ବନ୍ଧା ହୋଇଥିବା, ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ କଟକ ବଡ଼ମେଡିକାଲକୁ ପଠାଯାଇଛି । ମହିଳା ଜଣକ ଗୁରୁତର ଅବସ୍ଥାରେ କଟକ ବଡ଼ମେଡିକାଲ ଗାଇନିକ୍ ୱାର୍ଡରେ ଚିକିତ୍ସିତ ହେଉଛନ୍ତି । ମହିଳାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଥିବା, ଏବଂ ପ୍ରଚୁର ରକ୍ତସ୍ରାବ ହେଉଥିବା ଜଣାପଡିଛି । ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତର କହିଛନ୍ତି । ଅନ୍ୟପକ୍ଷରେ ମହିଳାଙ୍କ ସହ ଏକାଧିକ ଲୋକ ଦୁଷ୍କର୍ମ କରିଥିବା ପୁଲିସ ସନ୍ଦେହ କରୁଛି । ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଥିବା ମଧ୍ୟ କୁହାଯାଉଛି । ମହିଳା ଜଣକ ଏବେ ଅଚେତ ରହିଛନ୍ତି । ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ବିଭିନ୍ନସ୍ଥାନରେ ଚଢାଉ ଜାରି ରଖିଛି । ବିଳମ୍ବିତ ରାତି ସୁଦ୍ଧା ପୁଲିସ ଆଠଗଡ଼ ଅଞ୍ଚଳରୁ ଦୁଇଜଣଙ୍କୁ ସନ୍ଦେହରେ ଥାନାରେ ଅଟକ ରଖିଛନ୍ତି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, କୁଅମଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ମହିଳା ହାତଗୋଡ଼ ବନ୍ଧା ଅବସ୍ଥାରେ ପଡ଼ିଥିବା ବେଳେ ଆଜି ଅପରାହ୍ନରେ କିଛି ଗାଈଆଳ ପିଲା ଦେଖିଥିଲେ । ସେମାନେ ➡ ୯

# ବାଙ୍କୀରେ ଗଣଦୁଷ୍କର୍ମ...

ଏସଂପର୍କରେ ଗାଁ ଲୋକଙ୍କୁ ଖବର ଦେଇଥିଲେ । ଗ୍ରାମବାସୀମାନେ ବାଙ୍କୀ ପୁଲିସକୁ ଜଣାଇଥିଲେ । ଘଟଣାସ୍ଥଳରେ ବାଙ୍କୀ ଏସ୍‌ଡିପିଓ ଅମରେଶ ପାଣିଗ୍ରାହୀ ଓ ଆଇଆଇସି ନିରଂଜନ ପାଢ଼ୀ ପହଞ୍ଚି ମହିଳାଙ୍କୁ ମୂମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ । ପୁଲିସ ଉକ୍ତ ମହିଳାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇଛି । ସାଇଣ୍ଟିଫିକ୍ ଟିମ୍ ଓ ପୁଲିସ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ ଆରମ୍ଭ କରିଛନ୍ତି । ମହିଳା ଜଣକ ତାଙ୍କ ବାପ ଘରକୁ ଆସି କୁଅମଡ଼ାରେ ରହୁଥିଲେ । ସେ ଆଜି ଅପରାହ୍ନରେ ବାଇଗଣ କିଆରିକୁ କାମ କରିବାକୁ ଯାଇଥିଲେ । ସେଠାରେ ତାଙ୍କୁ ଏକୁଟିଆ ପାଇ କିଛି ବ୍ୟକ୍ତି ତାଙ୍କ ସହ ଗଣଦୁଷ୍କର୍ମ କରିଥିବା ସନ୍ଦେହ କରାଯାଉଛି । ଅନ୍ୟୂନ ୪/୫ ଜଣ ଲୋକ ଗଣଦୁଷ୍କର୍ମ ପରେ ତାଙ୍କୁ ହାତଗୋଡ଼ ବାନ୍ଧି ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇଥିବା ପୁଲିସ ସନ୍ଦେହ କରୁଛି । ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି ।

# ବନ୍ଦ କୋଠରିରୁ ୨ ଶିଶୁ ଉଦ୍ଧାର

ଦଶପଲ୍ଲା, ୯।୧୦ (ଇମିସ): ପୁଣି ଚର୍ଚ୍ଚାରେ ଅଙ୍ଗନବାଡ଼ି କେନ୍ଦ୍ର। କର୍ମୀଙ୍କ ଦାୟିତ୍ୱହୀନତା ଯୋଗୁ ଦୁଇଜଣ ଶିଶୁ ଆଜି ଏକ କୋଠରୀ ମଧ୍ୟରେ ଦୀର୍ଘ ସମୟ ବନ୍ଦ ରହିଯାଇଥିଲେ। ପରେ ଝରକା ଭାଙ୍ଗି ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଏପରି ଘଟଣା ଆଜି ଘଟିଛି

## ପୁଣି ଅଙ୍ଗନବାଡ଼ି ଅଘଟଣ



ଦଶପଲ୍ଲା ବ୍ଲକ କୁଞ୍ଜବନ ପଞ୍ଚାୟତର ନରସିଂହପୁର ଅଙ୍ଗନବାଡ଼ି କେନ୍ଦ୍ରରେ।

ଘଟଣାରୁ ପ୍ରକାଶ, ଆଜି ଏହି ଅଙ୍ଗନବାଡ଼ି କେନ୍ଦ୍ରର ପାଚିକା କନ୍ଧୁଣୀ ପ୍ରଧାନ କେନ୍ଦ୍ର ଚାଲିଥିବା ଗାଁ କୋଠଘରେ ସକାଳ ୮ଟାରେ ପହଞ୍ଚି ରୋଷେଇ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ। ଏହି ସମୟରେ ୨ଜଣ ଶିଶୁ ଅଶ୍ୱିନୀ ବିଶ୍ୱାଳ(୩) ଓ ଜିତ୍ ପ୍ରଧାନ(୩) କେନ୍ଦ୍ରରେ ପହଞ୍ଚି କୋଠରୀ ମଧ୍ୟରେ ବସିଥିଲେ। ତେବେ ଅସାବଧାନତା କାରଣରୁ ପାଚିକା ଜଣଙ୍କ ଏହି କୋଠରୀକୁ ବାହାରପଟୁ ବନ୍ଦ କରିଦେଇ ପୁଣି ରୋଷେଇ ପାଇଁ ଚାଲିଯାଇଥିଲେ। ଏହି କେନ୍ଦ୍ର ଠାରୁ ରୋଷେଇ ଗୃହର ଦୂରତା ପ୍ରାୟ ୫୦ଫୁଟ୍। କିଛି ସମୟ ପରେ ପିଲା ଦୁଇଜଣ ବାହାରକୁ ବାହରିବାକୁ ଚେଷ୍ଟା କରିବାରୁ କବାଟଟି ଭିତର ପଟୁ ଲକ୍ ହୋଇଯାଇଥିଲା। କୋଠରୀ ଭିତରେ ସେମାନେ କାନ୍ଦିବା ଆରମ୍ଭ କରିଦେଇଥିଲେ। ସେମାନଙ୍କ କାନ୍ଦ ଶୁଣି ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ତେବେ କବାଟ ଖୋଲିବାରେ ସମସ୍ୟା ହେବାରୁ ଅଶ୍ୱିନୀର ବାପା ଶାବଳ ଦ୍ୱାରା ବନ୍ଦ ଝରକାକୁ ତାଡ଼ିବା ସହ ଲୁହା ଗ୍ରୀଲ୍‌କୁ କାଟି ଅଲଗା କରିଥିଲେ। ଏହାପରେ ଲିପୁନା ପ୍ରଧାନ(୧୨) ନାମକ ବାଳକକୁ ଭିତରକୁ ପଠାଯାଇ ଦୁଇ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀମାନେ ଘଟଣା ସମ୍ପର୍କରେ ଜଣାଇବା ପାଇଁ ଉପଜିଲ୍ଲାପାଳଙ୍କୁ ଫୋନ୍ କରିବାରୁ ସେ ଲିଖିତ ଅଭିଯୋଗ କରିବାକୁ କହିଥିଲେ। ଲିଖିତ ଅଭିଯୋଗ ହେଲେ ସେ ତଦନ୍ତ କରିବେ ବୋଲି କହିଥିବା ଅଭିଭାବକ ସୁଶାନ୍ତ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏହି ଘଟଣା ଓ କେନ୍ଦ୍ରରେ ଚାଲିଥିବା ଅବହେଳା ସମ୍ପର୍କରେ ଉପଯୁକ୍ତ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଯୁବକଙ୍କୁ ରାତିରେ ଉଠାଇ ନେଲା ପୁଲିସ

## ଗେଙ୍ଗୁଟିଆରେ ଉତ୍ତେଜନା, ରାସ୍ତାରୋକ

ଢେଙ୍କାନାଳ,୧୬।୧୦(ଇମିସ): ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ଗ୍ରାମର ଜଣେ ଯୁବକଙ୍କୁ ପୁଲିସ ରାତି ଅଧରେ ଉଠାଇ ନେବାରୁ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ପୁଲିସର ଏଭଳି କାର୍ଯ୍ୟକୁ ବିରୋଧକରି ଆଜି ଶତାଧିକ ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରେ ୨ ଘଣ୍ଟା ଧରି ଗାଡ଼ି ଚଳାଚଳ ଠପ୍ ହୋଇ ଯାଇଥିଲା। ପ୍ରକାଶ ଯେ, ଗେଙ୍ଗୁଟିଆ ଦେଇ କେଶରିଆ ଗ୍ରାମକୁ ବିଦ୍ୟୁତ୍ ଲାଇନ୍ ଯାଇଛି। ଗତ ୧୩ ତାରିଖରେ ବାତ୍ୟାରେ ବିଦ୍ୟୁତ୍ ତାର ଛିଣ୍ଡିବା ଯୋଗୁ ୨ଟି ଯାକ ଗ୍ରାମ ଅନ୍ଧାରରେ ଥିଲା। ୧୪ ତାରିଖ ସକାଳେ କେଶରିଆ ଗ୍ରାମର କେତେ ଜଣ ଯୁବକ ଛିଣ୍ଡା ତାର ସଜାଡ଼ିଥିଲେ। କିନ୍ତୁ କୌଣସି କାରଣରୁ ବିଦ୍ୟୁତ୍ ଲାଇନ୍ ସଜାଡ଼ି ହୋଇ ପାରିନଥିଲା। ଗେଙ୍ଗୁଟିଆ ଗ୍ରାମର କେତେକ ଯୁବକ ତାର କାଟିଦେବାରୁ ବିଜୁଳି ଆଲୁଅ ଜଳୁ ନାହିଁ ବୋଲି ପ୍ରଚାର ହୋଇଥିଲା। ଏ ନେଇ ଗେଙ୍ଗୁଟିଆ ଓ କେଶରିଆ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉତ୍ତେଜନା ବୃଦ୍ଧି ପାଇବାରୁ ସଦର ଥାନା ପୁଲିସ ପହଞ୍ଚି ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରାଯିବ ବୋଲି କହିଥିଲା। କାହା ବିରୋଧରେ କେହି ଥାନାରେ ଅଭିଯୋଗ କରିବେ ନାହିଁ ବୋଲି ଉଭୟ ଗ୍ରାମର କେତେକ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ୧୫ ତାରିଖ ସକାଳେ କେଶରିଆ ଗ୍ରାମରୁ କେହି ଜଣେ ଗେଙ୍ଗୁଟିଆ ଗ୍ରାମର କେତେ ଜଣ ଯୁବକଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୂର୍ବ ନିଷ୍ପତ୍ତିକୁ ଭୁଲି ପୁଲିସ ଗତକାଲି ରାତିରେ ଗେଙ୍ଗୁଟିଆ ଗ୍ରାମରୁ ସନ୍ତୋଷ କୁମାର ରାଉତ ନାମକ ଜଣେ ଯୁବକଙ୍କୁ ଉଠାଇ ନେଇଥିଲା। ଆଜି ସକାଳେ ଏହି ଘଟଣା ଜଣାପଡିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ: ନ୍ୟାୟ ନପାଇ ନିର୍ଯାତିତା ନିରାଶ

କଟକ,୧୭।୧୦(ଇମିସ): ଯୌତୁକ ନିର୍ଯ୍ୟାତନା ମାମଲାରେ ପୁଲିସ୍ ସ୍ୱାମୀଙ୍କୁ ଗିରଫ କରି ଜେଲ୍ ପଠାଇ ଦେଲା। କିନ୍ତୁ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ। ବାରମ୍ବାର ଗୁହାରି ସତ୍ତ୍ୱେ ମହିଳା ଥାନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏପରି ଅଭିଯୋଗ କରିଛନ୍ତି ନିର୍ଯାତିତା ମହିଳା ତରନ୍ନୁମ୍ ବାନୁ।

ଅଭିଯୋଗ ଅନୁସାରେ, ୨୦୧୧ ମସିହା ଡିସେମ୍ବର ୯ ତାରିଖରେ କଟକ ବାଙ୍କାବଜାର ମସଜିଦ ଗଳିର ମହମ୍ମଦ ଜାହାଙ୍ଗୀରଙ୍କ ଝିଅ ତରନ୍ନୁମ୍ ବାନୁଙ୍କ ସହ ନିମଚୌଡ଼ି ଅଞ୍ଚଳର ନିଜାମ ଖାଁଙ୍କ ମଝିଆ ପୁଅ କଦିମ ଖାଁଙ୍କର ମୁସଲିମ୍ ରୀତିନୀତିରେ ବିବାହ ହୋଇଥିଲା। ସେତେବେଳେ ବରପକ୍ଷର ଦାବି ମୁତାବକ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ହେଲେ ବିବାହର କିଛି ଦିନ ପରେ ଶାଶୂଘର ଲୋକେ ତାଙ୍କ ଉପରେ ନିର୍ଯାତନା ଆରମ୍ଭ କରିଦେଲେ ବୋଲି ତରନ୍ନୁମ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଘର ଲୋକଙ୍କୁ ଜଣାଇଲେ ଜୀବନରୁ ମାରିଦେବାକୁ ଶାଶୂଘର ପକ୍ଷରୁ ଧମକ ଦିଆଯାଇଥିଲା। ପରେ ସ୍ୱାମୀ କଲିକତା ଯିବା କହି ତାଙ୍କୁ ବାପଘରେ ଛାଡ଼ି ଦେଇଆସିଥିଲେ। ହେଲେ ବହୁ ଦିନ ବିତି ଯାଇଥିଲେ ମଧ୍ୟ ଶାଶୂଘର ଲୋକେ ଆଉ ତାଙ୍କୁ ନେବାକୁ ଆସିନଥିଲେ। ପରେ ତାଙ୍କ ମାଙ୍କ ସହ ଶାଶୂଘରକୁ ଫେରିଥିଲେ, ହେଲେ ସେଠାରେ ତାଙ୍କ ମାଙ୍କୁ ମଧ୍ୟ ଶାଶୂଘର ଲୋକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ସମାଧାନ ପାଇଁ ଚଳିତ ବର୍ଷ ଅଗଷ୍ଟ ମାସରେ ସାହି ମୁରବୀଙ୍କ ସହ ତରନ୍ନୁମଙ୍କ ପରିବାର ଲୋକେ ତାଙ୍କ ଶାଶୂଘରେ ପହଞ୍ଚିଥିଲେ। ହେଲେ ଆପୋସ ସମାଧାନ ବଦଳରେ ପୁନର୍ବାର ତରୁନ୍ନୁମ ଓ ତାଙ୍କ ମାଙ୍କ ଉପରେ ଆକ୍ରମଣ ହୋଇଥିଲା। ଏଥିରେ ଅତିଷ୍ଠ ହୋଇ ତରନ୍ନୁମ୍ ମହିଳା ଥାନର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଅଭିଯୋଗକୁ ଗ୍ରହଣ କରି ତରନ୍ନୁମଙ୍କ ସ୍ୱାମୀ, ଶାଶୂ, ଶ୍ୱଶୁର, ଦେଢ଼ଶ୍ୱର, ଦିଅର, ଯା, ନଣନ୍ଦଙ୍କ ନାମରେ ମାମଲା ରୁଜୁ କରିଥିଲା। ତେବେ ପୁଲିସ କେବଳ ସ୍ୱାମୀ କଦିମ ଖାଁକୁ ଗିରଫ କରିଥିବା ବେଳେ ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ତତ୍ପରତା ପ୍ରକାଶ କରୁନଥିବା ଏତଲାକାରୀ ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି।

# କାମାକ୍ଷାନଗର ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

କାମାକ୍ଷାନଗର, ୧୦ ।୧୦(ଇମିସ): କାମାକ୍ଷାନଗର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଥିବା ପର୍ଜଙ୍ଗ ଥାନା କୁମୁସି ଗ୍ରାମର ସୁଦାମ ବେହେରାଙ୍କ ପୁଅ ସଂଜୟ ବେହେରା(୨୮)ଙ୍କର ଆଜି ସକାଳେ ମୃତ୍ୟୁ ଘଟିଛି । ଗତ ଜୁନ୍ ୩ ତାରିଖରେ ସେ ଜେଲ୍‌ରେ ଭର୍ତ୍ତି ହୋଇଥିଲେ । ପର୍ଜଙ୍ଗ ଥାନାରେ ତାଙ୍କ ବିରୋଧରେ କେସ୍ ନମ୍ବର ୨୬୧/୨୦୧୩ରେ ମାମଲା ରୁଜୁ ହୋଇଛି । ଉପକାରାଗାର ଅଧିକ୍ଷକ ସୌଭାଗ୍ୟ କୁମାର ବଳ ଏ ସଂପର୍କରେ ସୂଚନା ଦେଇଛନ୍ତି ସଂଜୟ ଆଜି ସକାଳେ ଅଚେତ ଥିବା ଜେଲ୍ ୱାର୍ଡ଼ର ମାନସ ରଂଜନ ଦାଶ ଦେଖିଥିଲେ । ଏହାପରେ ଜେଲ୍ ଦାୟିତ୍ୱରେ ଥିବା ଡାକ୍ତର ଡ. ବିନାୟକ ମିଶ୍ରଙ୍କୁ ସେ ଡକାଇଥିଲେ । ଡ. ମିଶ୍ର ଆସି ସଂଜୟଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଅବସ୍ଥା ଗୁରୁତର ଥିବା କହିଥିଲେ । ଚିକିତ୍ସା ନିମନ୍ତେ ତାଙ୍କୁ କାମାକ୍ଷାନଗର ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗତକାଲି ରାତି ୧୦ଟାବେଳେ ସଂଜୟ ଟିଭି ଦେଖିବା ପରେ ଶୋଇଥିଲେ । ଆଜି ସକାଳେ ସମସ୍ତ କଏଦୀ ଉଠି ନିତ୍ୟକର୍ମ ସାରିଥିବାବେଳେ ସଂଜୟ ଉଠି ନଥିଲେ । ସେ ଅଚେତ ଥିଲେ ବୋଲି ୱାର୍ଡ଼ର ଶ୍ରୀ ଦାଶ ଜଣାଇଥିଲେ । ଜେଲ୍‌କୁ ଆସିବାବେଳେ ସଂଜୟଙ୍କ ଦେହରେ ମାଡ଼ ଦାଗ ଥିଲା । ସେ ଠିକ୍ ଭାବେ ଚାଲିପାରୁନଥିଲେ । ଡ. ମିଶ୍ର ତାଙ୍କୁ ଚିକିତ୍ସା କରିବାର ୮ ଦିନ ପରେ ସେ ସୁସ୍ଥ ହୋଇଥିଲେ ବୋଲି ଜେଲ୍ ଅଧିକ୍ଷକ ଶ୍ରୀ ବଳ ପ୍ରକାଶ କରିଛନ୍ତି । ଆଜି ସକାଳେ କାମାକ୍ଷାନଗର ଥାନାଧିକାରୀ ପ୍ରଭାତ କୁମାର ତ୍ରିପାଠୀ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇଥିଲେ । ସଂଜୟଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ । ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୁଲିସ ତଦନ୍ତ ଚଳାଇଛି ।

# କଏଦୀଙ୍କୁ ମଦ ଯୋଗାଇ ୱାର୍ଡର ନିଲମ୍ବିତ

କୋଦଳା, ୫।୧୦(ଇମିସ): ଜେଲ୍‌ରେ ବିଚାରାଧୀନ ଥିବା ଓ ସଜା କାଟୁଥିବା ଦୁର୍ଦ୍ଦାନ୍ତ ଅପରାଧୀ ଅୟସ୍ କରୁଛନ୍ତି । ଏପରି କି ଭିତରେ ଥାଇ ମଧ୍ୟ ସେମାନେ ବାହାରେ ଅପରାଧ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଛନ୍ତି । ଏହା ପଛରେ କିଛି ଜେଲ କର୍ମଚାରୀଙ୍କ ହାତ ଥିବା ଅଭିଯୋଗ ପଦାକୁ ଆସିଛି । ମଦ, ବିଡ଼ି, ସିଗାରେଟ୍ ଓ ଗୁଟଖାଠାରୁ ଆରମ୍ଭ କରି ହୋଟେଲରୁ ସେମାନଙ୍କ ଲାଗି ଖାଇବା ମଧ୍ୟ ଆସୁଛି । ନିକଟରେ ଭୁବନେଶ୍ୱର ଝାଡ଼ପଡ଼ା ଜେଲରୁ କଏଦୀଙ୍କ ପାଇଁ ଯାଉଥିବା ସାମଗ୍ରୀ ମଧ୍ୟରୁ କିଛି ନିଶାଦ୍ରବ୍ୟ, ବିଡ଼ି, ଗୁଟଖା, ମିକ୍ସଚର, ବିସ୍କୁଟ ସହିତ ରୋଷେଇ ପାଇଁ ପନିପରିବା ମିଳିଥିଲା । ଏହାକୁ ନେଇ ବିବାଦ ଥମି ନଥିବା ବେଳେ କୋଦଳା ସବ-ଜେଲରେ ଜଣେ ୱାର୍ଡର ଏକଦୀଙ୍କୁ ମଦ ଯୋଗାଉଥିବା ଅଭିଯୋଗରେ ନିଲମ୍ବିତ ହେବା ଚର୍ଚ୍ଚାର ବିଷୟ ହୋଇଛି । ନିଲମ୍ବିତ ୱାର୍ଡର ଜଣଙ୍କ ହେଲେ ବିଭୂତିଭୂଷଣ ଦାସ । ତାଙ୍କ ଠାରୁ ଏକ ଲିଟରରୁ ଅଧିକ ବିଦେଶୀ ମଦ ଜବତ କରାଯାଇଛି ବୋଲି କୋଦଳା ଜେଲ ଅଧୀକ୍ଷକ ଶିବଶଙ୍କର ତ୍ରିପାଠୀ ସୂଚନା ଦେଇଛନ୍ତି । ୱାର୍ଡର ବିଭୂତିଭୂଷଣ ଦାସ ଗତକାଲି ସଂଧ୍ୟା ୬ରୁ ରାତି ୯ଟା ପର୍ଯ୍ୟନ୍ତ ଡ୍ୟୁଟିରେ ଥିଲେ । ସେ ପୂର୍ବରୁ ମଦ ଆଣି ଦୁଇଟି ଥଣ୍ଡା ବୋତଲରେ ଲୁଚାଇ ରଖିଥିଲେ । ଗେଟ୍ ପାଖରେ ଥିବା ସାଇକେଲରେ ଏହାକୁ ବ୍ୟାଗରେ ଝୁଲାଇ ରଖିଥିଲେ । ଜେଲ୍ ଅଧୀକ୍ଷକ ଶିବଶଙ୍କର ତ୍ରିପାଠୀ ଏ ସଂପର୍କରେ ଖବର ପାଇବା ପରେ ସହକାରୀ ଅଧିକ୍ଷକ ନିରଞ୍ଜନ ପ୍ରଧାନ, ଅନ୍ୟ କର୍ମଚାରୀ ବିଜୟ ପ୍ରଧାନ ଓ ଫାର୍ମାସିଷ୍ଟ ଉପେନ୍ଦ୍ର ପ୍ରଧାନଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ । ପ୍ରମାଣ ସହ ୱାର୍ଡର ବିଭୂତିଭୂଷଣଙ୍କୁ ଧରିବାକୁ ସେମାନେ ଅପେକ୍ଷା କରି ରହିଥିଲେ । ବିଭୂତି ରାତି ପ୍ରାୟ ୮.୩୦ ମିନିଟ୍ ସମୟରେ ସାଇକେଲରେ ରଖିଥିବା ବ୍ୟାଗ୍‌କୁ ଗେଟ ଭିତରକୁ ଆଣିଥିଲେ । ଏତିକି ବେଳେ ଟିମ୍ ସଦସ୍ୟମାନେ ତାଙ୍କୁ କାବୁ କରିନେବା ସହ ବ୍ୟାଗ୍ ମଧ୍ୟରୁ ମଦ ଜବତ କରିଥିଲେ । ତେବେ କେଉଁ କଏଦୀଙ୍କ ପାଖକୁ ଏହି ମଦ ଯାଉଥିଲା ଜଣା ପଡିନାହିଁ । ଏ ସଂପର୍କରେ ଜେଲ ଅଧୀକ୍ଷକ ୱାର୍ଡର ବିଭୂତିଭୂଷଣ ଦାସଙ୍କୁ ନିଲମ୍ବିତ କରିଛନ୍ତି ।

# ମହିଳାଙ୍କୁ ଦୁର୍ବ୍ୟବହାର ମହଙ୍ଗା ପଡ଼ିଲା

# ଅଭିଯୁକ୍ତ ପୁଲିସ ଏସ୍‌ଆଇ ନିଲମ୍ବିତ, କୋର୍ଟ ଚାଲାଣ



ରାଜକନିକା,୬।୧୦ (ଇମିସ): ରାଜକନିକା ଥାନାର ଏସ୍‌ଆଇ ଶ୍ରୀଧର ମହାଳିକ ଜଣେ ବିବାହିତା ମହିଳାଙ୍କୁ ଦୁର୍ବ୍ୟବହାର କରିବା ଓ ଫୋନ୍‌ଯୋଗେ ବାରମ୍ବାର ନିଜ ବାସଭବନକୁ ଡାକି ନିଲମ୍ବିତ ହେବା ସହ ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟଣା ଅଂଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି । ଉଲ୍ଲେଖଯୋଗ୍ୟ ଯେ ରାଜକନିକା ଥାନା ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ଦେଓଗାଁର ଜଣେ ମହିଳା ଏକ ଘରୋଇ କଳିକୁ ନେଇ ଗତ ସେପ୍‌ଟେମ୍ବର ୧୪ ତାରିଖ ଦିନ ଥାନାକୁ ଆସିଥିଲେ । ଦାୟିତ୍ୱରେ ଥିବା ଏସ୍‌ଆଇ ଶ୍ରୀଧର ମହାଳିକ ମହିଳାଙ୍କୁ ନିରୋଳାରେ ଆସିବାକୁ କହିବା ସହ ଫୋନ୍ ଯୋଗେ ନିଜ ବାସଭବନକୁ ଡାକିବା ଏବଂ ତଦନ୍ତ ନାରେ ଦେଓଗାଁସ୍ଥିତ ମହିଳାଙ୍କ ଘରକୁ ଯାଇ ତାଙ୍କ ପ୍ରତି ଦୁର୍ବ୍ୟବହାର କରିବା ପରେ ମହିଳା ଜଣକ ରାଜକନିକା ଥାନାରେ ଗତ ୪ ତାରିଖ ଦିନ ସଂପୃକ୍ତ ଏସ୍‌ଆଇଙ୍କ ବିରୋଧରେ ଅଭିଯୋଗ କରିଥିଲେ । ରାଜକନିକା ଥାନା ଅଧିକାରୀ ଓ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଘଟଣାର ତଦନ୍ତ କରି ଅଭିଯୁକ୍ତ ଏସ୍‌ଆଇଙ୍କୁ ଆଳି ଥାନାରେ ଅଟକ ରଖିଥିଲେ । ଗତକାଲି ଶନିବାର ଦିନତମାମ୍ ଆଳି ଥାନାରେ ଏସ୍‌ଆଇ ଶ୍ରୀ ମହାଳିକଙ୍କୁ ଅଟକ ରଖାଯିବା ପରେ ଆଜି ପୂର୍ବାହ୍ନ ସାଢ଼େ ୧୦ଟାରେ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ପୁଲିସ୍ ଏସ୍‌ଆଇଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିଲମ୍ବିତ କରିଛନ୍ତି ।

## ପୋସ୍କୋ ପ୍ରକଳ୍ପ ପ୍ରତ୍ୟାହାର ନିଷ୍ପତ୍ତିକୁ ବିରୋଧୀଙ୍କ ସ୍ୱାଗତ

# 'ରାଜ୍ୟ ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର'

କୁଜଙ୍ଗ,୫।୧୦(ଇମିସ): ଜାତିସଂଘ ମାନବାଧିକାର ଆୟୋଗ ପୋସ୍କୋ ପ୍ରକଳ୍ପ ସଂକ୍ରାନ୍ତରେ ଦେଇଥିବା ରିପୋର୍ଟକୁ ନେଇ ପ୍ରସ୍ତାବିତ ଅଞ୍ଚଳରେ ବେଶ୍ ହଟଚମଟ ସୃଷ୍ଟି ହୋଇଛି । ଏହି ରିପୋର୍ଟକୁ ପୋସ୍କୋ ବିରୋଧୀମାନେ ସ୍ୱାଗତ କରିବା ସହିତ ଏହାର ଆଧାରରେ ତୁରନ୍ତ ରାଜ୍ୟ ଏବଂ କେନ୍ଦ୍ର ସରକାର ପ୍ରକଳ୍ପକୁ ପ୍ରତ୍ୟାହାର କରିନେବାକୁ ଦାବି କରିଛନ୍ତି । ତେବେ ପୋସ୍କୋ ପ୍ରକଳ୍ପ ପ୍ରତି ନରମ ଆଭିମୁଖ୍ୟ ରକ୍ଷା କରିଆସିଥିବା ସପକ୍ଷବାଦୀମାନେ ଏହି ରିପୋର୍ଟ ସଂପୂର୍ଣ୍ଣ ଭିତ୍ତିହୀନ ଏବଂ ପୋସ୍କୋ ତଥା ରାଜ୍ୟ ସରକାରଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ବୋଲି ପ୍ରକାଶ କରିଛନ୍ତି । ଏହି ରିପୋର୍ଟକୁ ନେଇ ଏବେ ପ୍ରସ୍ତାବିତ ପୋସ୍କୋ ଅଞ୍ଚଳରେ ନାନା ଆଲୋଚନା ହେଉଛି ।

ଉଲ୍ଲେଖଯୋଗ୍ୟ ଯେ ଗତ ସପ୍ତାହରେ ପୋସ୍କୋ ପ୍ରକଳ୍ପକୁ ନେଇ ଜାତିସଙ୍ଘର ମାନବାଧିକାର ଆୟୋଗ ର ଏକ ରିପୋର୍ଟ ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇଥିଲା । ଆୟୋଗ ପୋସ୍କୋ ପ୍ରକଳ୍ପର ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରି ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଥିଲା ଯେ ପୋସ୍କୋ ପ୍ରକଳ୍ପ ହେଲେ ୨୨ ହଜାର ଲୋକ ବିସ୍ଥାପିତ ହେବେ । ବିଭିନ୍ନ ଦୃଷ୍ଟିକୋଣରୁ ଏହା ଗ୍ରହଣୀୟ ହେଉନଥିବାରୁ ଏହାକୁ ପ୍ରତ୍ୟାହାର କରିବାକୁ ରିପୋର୍ଟରେ ପ୍ରକାଶ କରାଯାଇଥିଲା । ଏହି ରିପୋର୍ଟକୁ ପୋସ୍କୋ ବିରୋଧୀମାନେ ଗ୍ରହଣକରିବା ସହିତ ପ୍ରକଳ୍ପକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଅନ୍ୟପକ୍ଷରେ ଏହି ରିପୋର୍ଟ ସଂପର୍କରେ ପ୍ରତିକୂଳ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଅନାଦି ରାଉତ । ଏହି ରିପୋର୍ଟ ଏକ ନନସେନ୍‌ସ ରିପୋର୍ଟ । ଏହାକୁ ଚିରି ଫୋପାଡ଼ିଦେବା ଦରକାର ବୋଲି ସେ କହିଛନ୍ତି । ପୋସ୍କୋ ସପକ୍ଷବାଦୀ ତାମିଲ ପ୍ରଧାନ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ଏହା ଏକ ଉପରଠାଉରିଆ ରିପୋର୍ଟ । ଉକ୍ତ ତିନି ପଞ୍ଚାୟତରେ ମୋଟ ୨୨ ହଜାର ଲୋକ ନ ଥିବାବେଳେ କେଉଁ ତଥ୍ୟ ଭିତ୍ତିରେ ଜାତିସଂଘର ମାନବାଧିକାର ଆୟୋଗ ଏହି ରିପୋର୍ଟ ପ୍ରକାଶ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି । ସେହିପରି ମିଳିତକ୍ରିୟାନୁଷ୍ଠାନ କମିଟିର ସଂପାଦକ ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ, ଗୋବିନ୍ଦପୁର ଗ୍ରାମର ପୋସ୍କୋ ସପକ୍ଷବାଦୀ ଯୁବକ ରଞ୍ଜନ କୁମାର ବର୍ଦ୍ଧନ ଏହି ରିପୋର୍ଟକୁ ଅମୂଳକ ଏବଂ ତଥ୍ୟହୀନ ବୋଲି ଦର୍ଶାଇଛନ୍ତି । ପ୍ରସ୍ତାବିତ ଅଞ୍ଚଳର ତିନି ପଞ୍ଚାୟତର ଲୋକ ସଂଖ୍ୟା ମିଶିଲେ ୨୨ ହଜାର ହେବେ ନାହିଁ । ତାହାଲେ ୨୨ ହଜାର ବିସ୍ଥାପିତ ହେବେ କିପରି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ତେବେ ଓଡ଼ିଶାକୁ ଶିଳ୍ପ ବିହୀନ କରିବାକୁ ଏହା ଏକ ଆନ୍ତର୍ଜାତିକ ଚକ୍ରାନ୍ତ ବୋଲି ସେମାନେ ପ୍ରତିକ୍ରିୟାରେ କହିଛନ୍ତି ।

# 'ଜାତିସଂଘର ହସ୍ତକ୍ଷେପକୁ ରାଜ୍ୟ ସରକାର ପ୍ରତ୍ୟାଖାନ କରନ୍ତୁ'

ରସୁଲଗଡ଼, ୬/୧୦(ଇମିସ): ଓଡ଼ିଶାର ମୁଣ୍ଡପିଛା ଆୟ ଓ ରୋଜଗାର ବୃଦ୍ଧି ପାଇଁ ରାଜ୍ୟରେ ଶିଳ୍ପ ହେବା ଆବଶ୍ୟକ। ପୋସ୍କୋ ଓହରିଗଲେ ଏଠାରେ ଆଉ ଶିଳ୍ପ କରିବା ପାଇଁ କେହି ରାଜି ହେବେ ନାହିଁ। ରାଜ୍ୟ ସରକାର ନିଜ ଦୃଢ଼ତାର ପରିଚୟ ଦେଇ ଜାତିସଂଘର ଏହି ହସ୍ତକ୍ଷେପକୁ ପ୍ରତ୍ୟାଖାନ କରିବା ପାଇଁ ଉତ୍କଳ ଭାରତ ପକ୍ଷରୁ ଦାବି ହୋଇଛି। ଗତ ଗୁରୁବାର ଦିନ ଉତ୍କଳ ଭାରତର ସଭାପତି ଖାରବେଳ ସ୍ୱାଇଁ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ସେ ଏହି ଅବସରରେ କହିଥିଲେ ଯେ, ଜାତିସଂଘର ଏକ ବିଶେଷଜ୍ଞ କମିଟି ପୋସ୍କୋ ପ୍ରକଳ୍ପ ବନ୍ଦ କରିବା ପାଇଁ ଯେଉଁ ପରାମର୍ଶ ଦେଇଛନ୍ତି ତାହା ମତଲବୀ ଅଟେ। ଏହି ରୋପୋର୍ଟରୁ ଜଣାପଡ଼ିଛି, ସେମାନଙ୍କୁ ପୋସ୍କୋ ବିରୋଧୀମାନେ ଯାହା ଲେଖି ଜଣାଇଛନ୍ତି ତାହାକୁ କେବଳ ସେମାନେ ପ୍ରକାଶିତ କରିଛନ୍ତି। ଏହି ରିପୋର୍ଟ ଅନୁସାରେ ବେଆଇନ ଭାବରେ ଜମି ଦଖଲ କରାଯାଉଛି ଓ ପାଖାପାଖି ୨୨ହଜାର ଲୋକ ଏଥିପାଇଁ ବାସହୀନ ହେବେ। ଏହି ରିପୋର୍ଟ ପ୍ରସ୍ତୁତକାରୀ ଜାଣିନାହାନ୍ତି ଯେ, ଯେଉଁ ଜମି ଏବେ ପୋସ୍କୋ ପାଇଁ ଅଧିଗ୍ରହଣ କରାଯାଉଛି ତାହା ହେଉଛି ସରକାରୀ ଜମି। ସରକାରୀ ଜମିକୁ ମାଡ଼ି ବସିଥିବା ଢିଙ୍କିଆ ଓ ଗୋବିନ୍ଦପୁର ଗାଁର ଅଧିବାସୀ ହେଲେ ଜବରଦଖଲକାରୀ। ଏଣୁ ସରକାର ଯଦି ଏହି ଜମିକୁ ଦଖଲ କରିବେ ତାହା ବେଆଇନ କିପିରି ହେଲା ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି।

# ପୋସ୍କୋ ଶିଳାନ୍ୟାସ ଆସନ୍ତାବର୍ଷ




## ନବୀନ-କୋରିଆ ରାଷ୍ଟ୍ରଦୂତ ଆଲୋଚନା

## ଜାତିସଂଘ ରିପୋର୍ଟକୁ କଠୋର ସମାଲୋଚନା

ଭୁବନେଶ୍ୱର, ୭/୧୦(ଇମିସ): ଆସନ୍ତା ବର୍ଷ ପ୍ରଥମ ଭାଗରେ ଓଡ଼ିଶାରେ ପୋସ୍କୋ ପ୍ରକଳ୍ପର ଶିଳାନ୍ୟାସ ହେବ। କୋରିଆ ରାଷ୍ଟ୍ରଦୂତ ଲି ଜୁଙ୍ଗ୍ ୟୁ ଆଜି ଭୁବନେଶ୍ୱରରେ ଏଭଳି ଆଶା ଦେଖାଇଛନ୍ତି। ଏଥିସହ ପୋସ୍କୋ ପ୍ରକଳ୍ପ ମାନବାଧିକାର ଉଲ୍ଲଂଘନ କରୁଥିବା ନେଇ ମିଳିତ ଜାତିସଂଘର ରିପୋର୍ଟକୁ ସେ ନୈରାଶ୍ୟଜନକ ବୋଲି ବର୍ଣ୍ଣନା କରିଛନ୍ତି।

ଆଜି ସଚିବାଳୟରେ ଲି ଜୁଙ୍ଗ୍ ୟୁ ପୋସ୍କୋ ପ୍ରକଳ୍ପ ଅଗ୍ରଗତି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ଆଲୋଚନା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ୟୁ କହିଥିଲେ ଯେ ପୋସ୍କୋ ପାଇଁ ଜମି ଅଧିଗ୍ରହଣ ବେଳେ ମାନବାଧିକାର ଉଲ୍ଲଂଘନ ନେଇ ଜାତିସଂଘର ରିପୋର୍ଟ ତାଙ୍କ ନଜରକୁ ଆସିଛି। ଜାତିସଂଘର କିଛି ଅଧିକାରୀ ନୂଆଦିଲ୍ଲୀରେ ପୋସ୍କୋ ବିରୋଧୀ ନିର୍ଦ୍ଦିଷ୍ଟ କିଛି ସାମାଜିକ କର୍ମୀଙ୍କ ମତ ନେଇ ଏ ପ୍ରେସ ଇସ୍ତାହାର ଜାରି କରିଛନ୍ତି। ଏହା କିନ୍ତୁ ଜାତିସଂଘର ଚୂଡ଼ାନ୍ତ ରିପୋର୍ଟ ନୁହେଁ। ଜାତିସଂଘ ଅଧିକାରୀମାନେ ନା ପ୍ରସ୍ତାବିତ ପୋସ୍କୋ ଅଞ୍ଚଳକୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି ନା ପୋସ୍କୋ କର୍ତ୍ତୃପକ୍ଷ କିମ୍ବା କୋରିଆ ସରକାରଙ୍କ ମତ ନେଇଛନ୍ତି। ଏପରିକି ସ୍ଥାନୀୟ ଲୋକଙ୍କ ମତ ବି ନ ନିଆଯାଇ ଏଭଳି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ୟୁ ପ୍ରତିକ୍ରିୟା ରଖିଥିଲେ।

ଆଜି କୋରିଆ ରାଷ୍ଟ୍ରଦୂତଙ୍କ ସହ ଆଲୋଚନା ସମୟରେ ରାଜ୍ୟ ସରକାର ପୋସ୍କୋ ➥ ୯

# ଅବଶିଷ୍ଟାଂଶ...

## ପୋସ୍କୋ ଶିଳାନ୍ୟାସ ...



ପ୍ରକଳ୍ପର ଅଗ୍ରଗତି ସଂପର୍କରେ ତାଙ୍କୁ ବିସ୍ତୃତ ଭାବେ ଜଣାଇଥିଲେ। ଏପରି ବୁଝାଇ ଦେଇଥିଲେ ଯେ ଯେମିତି ପୋସ୍କୋ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ସରକାର ଅତ୍ୟନ୍ତ ବ୍ୟଗ୍ର। ପୋସ୍କୋ ସହ ସାନି ଏମଓୟୁ ଓ ଏହି ପ୍ରକଳ୍ପ ଆରମ୍ଭ ନେଇ ପୂର୍ବରୁ ରାଜ୍ୟ ସରକାର ଦେଇଥିବା ସବୁ ପ୍ରତିଶ୍ରୁତିକୁ ଆଜି ଢୋକି ଦେଇଥିଲେ। ସାନି ପ୍ରତିଶ୍ରୁତି ଦିଆଯାଇଥିଲା

ଯେ ଏ ସଂକ୍ରାନ୍ତ ପ୍ରକ୍ରିୟା ଶେଷ ହେଲାଣି, ଖୁବ ଶୀଘ୍ର ଏ ନୂଆ ଏମଓୟୁ ସ୍ୱାକ୍ଷର ହେବ। ତା ପରେ ପୋସ୍କୋ ଯେ କୌଣସି ଦିନ ଏହି ପ୍ରକଳ୍ପ ଆରମ୍ଭ କରିବାରେ କୌଣସି ଅସୁବିଧା ନାହିଁ।

ଆଲୋଚନା ପରେ ୟୁ କହିଥିଲେ ଯେ ପୋସ୍କୋର ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ଏହା ତାଙ୍କ ପାଇଁ ଏକ ଖୁସି ଖବର। ଖୁବ ଶୀଘ୍ର ସବୁ କିଛି ପ୍ରକ୍ରିୟା ଶେଷ ହେବ ଓ ପୋସ୍କୋ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ଆସନ୍ତା ବର୍ଷ ପ୍ରଥମ ଭାଗରେ କୋରିଆର ମହିଳା ରାଷ୍ଟ୍ରପତି ପାର୍କ ଜିଉନ୍ ହେ ଭାରତ ଗସ୍ତରେ ଆସୁଛନ୍ତି। ସମ୍ଭବତଃ ଏହି ସମୟରେ କୋରିଆ ରାଷ୍ଟ୍ରପତି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଶୁଭାରମ୍ଭ କରିବେ ବୋଲି ୟୁ ଆଜି ଭବିଷ୍ୟବାଣୀ କରିଛନ୍ତି।

ୟୁ କହିଥିଲେ, ପୋସ୍କୋ ସହ ରାଜ୍ୟ ସରକାର ଖୁବ୍ ଶୀଘ୍ର ଏକ ନୂଆ ଏମ୍ଓୟୁ କରିବେ। ଏମ୍ଓୟୁ ସର୍ତ୍ତ ନେଇ ଉଭୟଙ୍କ ମଧ୍ୟରେ ସହମତି ହୋଇଛି। ସେହିପରି ଖଣି ପ୍ରସଙ୍ଗରେ ୟୁ କହିଥିଲେ ଯେ ପୋସ୍କୋକୁ ଖଣ୍ଡାଧାର ଖଣି ଦେବା ନେଇ କେନ୍ଦ୍ରକୁ ରାଜ୍ୟ ସରକାର ସୁପାରିସ କରିସାରିଛନ୍ତି। ଏହା ଏବେ କେନ୍ଦ୍ର ସରକାରଙ୍କ ବିଚାରାଧୀନ। ଏ ନେଇ କୌଣସି ସମସ୍ୟା ନାହିଁ ବି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ପୋସ୍କୋ କାମ ଠିକ୍ ରାସ୍ତାରେ ଚାଲିଛି। ଖୁବ ଶୀଘ୍ର ଏହି ପ୍ରକଳ୍ପ ଆରମ୍ଭ ହେବ।

୫୨ ହଜାର କୋଟି ଟଙ୍କା ବ୍ୟୟରେ ୧୨ ନିୟୁତ ଟନ୍ ବିଶିଷ୍ଟ ପ୍ରସ୍ତାବିତ ପୋସ୍କୋ ପ୍ରକଳ୍ପ ଲାଗି ୨୦୦୫ରେ ଏମଓୟୁ ହୋଇଥିଲା। ଦୁଇବର୍ଷ ହେଲାଣି ଏହି ଏମଓୟୁ ମିଆଦ ଶେଷ ହୋଇଥିଲେ ହେଁ ରାଜ୍ୟ ସରକାର-ପୋସ୍କୋ ମଧ୍ୟରେ ଏହାକୁ ନେଇ ଛକାପଞ୍ଝା ଚାଲିଛି।

ଉଲ୍ଲେଖଯୋଗ୍ୟ,ପାରାଦୀପରେ ପ୍ରସ୍ତାବିତ ପୋସ୍କୋ ପ୍ରକଳ୍ପ ଦ୍ୱାରା ୨୨,୦୦୦ ଲୋକ ବିସ୍ଥାପିତ ହେବେ ଓ ହଜାର ହଜାର ଲୋକଙ୍କ ଜୀବିକା ବିପନ୍ନ ହେବ ବୋଲି ଜୁନ୍ ମାସରେ ଜାତିସଂଘର ଏକ ମାନବ ଅଧିକାର ବିଶେଷଜ୍ଞଙ୍କର ସର୍ଭେ ରିପୋର୍ଟରେ ପ୍ରକାଶ ପାଇଥିଲା। ଭାରତର ପୂର୍ବାଞ୍ଚଳରେ ଏହି କାରଖାନା ହଜାର ହଜାର ଲୋକଙ୍କ ଜୀବିକାର ଅଧିକାରକୁ ଛଡ଼ାଇ ନେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଓ ଏହି ପ୍ରକଳ୍ପ ନେଇ ଆଗକୁ ବଢିବା ଅନୁଚିତ ବୋଲି ଜାତିସଂଘ ସଂପୃକ୍ତ କଂପାନିକୁ ପରାମର୍ଶ ଦେଇଥିଲା।

# ଛଟେଇ ଶ୍ରମିକଙ୍କ କଙ୍କାଳ ଜବତ






ପିପିଲି,୯।୧୦(ଇମିସ): ଆଜି ସକାଳେ ପିପିଲି ଥାନା ଅନ୍ତର୍ଗତ ଯଶୁଆପୁର ପଞ୍ଚାୟତ ଦାନପୁର ଗ୍ରାମ୍ୟ ରାସ୍ତା ନିକଟସ୍ଥ ଏକ ନିଛାଟିଆ ବିଲ ମଝିରୁ ପୁଲିସ ଏକ ମଣିଷ କଙ୍କାଳ ଜବତ କରିଛି। ଏହା ସ୍ଥାନୀୟ ସାତଶଙ୍ଖସ୍ଥିତ ଏରୋକମ୍ ଗଦି କଂପାନିର ଛଟେଇ ଶ୍ରମିକ ନରେନ୍ଦ୍ର ପ୍ରଧାନ(୪୦)ଙ୍କର ବୋଲି ଜଣାପଡ଼ିଛି। ତାଙ୍କ ନିଜ ଘର ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବିଜୁଳିପୁର ହୋଇଥିବା ବେଳେ ସେ ଦୀର୍ଘଦିନ ହେବ ଯଶୁଆପୁରରେ ଘର ରହିଥିଲେ।

ପୁରୀରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି କଙ୍କାଳ ଯାଞ୍ଚ କରିଛନ୍ତି। ପିପିଲି ପୁଲିସ ଉକ୍ତ କଙ୍କାଳକୁ ଜବତ କରି ବ୍ୟବଚ୍ଛେଦ ଲାଗି ପୁରୀ ବଡ଼ ଡାକ୍ତରଖାନାକୁ ପ୍ରଥମେ ପଠାଇଥିଲା। ସେଠାରୁ ପୁଣି ଏଫ୍ଏମ୍ସିଟି ଟେଷ୍ଟ ପାଇଁ ଏହି କଙ୍କାଳକୁ କଟକ ବଡ଼ ମେଡ଼ିକାଲକୁ ପଠାଯିବ ବୋଲି ପୁଲିସ କହିଛି। ପୁଲିସ ଏ ସଂକ୍ରାନ୍ତରେ କେସ ନଂ.୪/୨୦୧୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ନେଇ ଏଠାରେ ଚର୍ଚ୍ଚା ଚାଲିଛି। ନରେନ୍ଦ୍ରଙ୍କ କଙ୍କାଳ ଜବତ ଘଟଣା ପ୍ରଚାର ହେବା ପରେ ଏନେଇ ଏଠାରେ ଏବେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ମୁତାବକ ସାତଶଙ୍ଖସ୍ଥିତ ଏରୋକମ୍ କଂପାନିରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଗତ ମେ' ମାସ ୩୧ ତାରିଖରେ ୨୨ଜଣଙ୍କୁ ଚାକିରିରୁ ଛଟେଇ କରାଯାଇଥିଲା। ପୁନଃ ନିଯୁକ୍ତି ଦାବିରେ ଛଟେଇ କର୍ମଚାରୀମାନେ କଂପାନି ଆଗରେ ଦୀର୍ଘଦିନ ଧରି ଧାରଣାରେ ବସିରହିଥିଲେ। ନରେନ୍ଦ୍ର ଏହି ଆନ୍ଦୋଳନର ନେତୃତ୍ୱ ନେଉଥିଲେ। କିନ୍ତୁ ଗତ ମାସ ୧୯ ତାରିଖରୁ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। କିନ୍ତୁ ଘର ଠାରୁ ମାତ୍ର ୩ଶହ ମିଟର ଦୂରରେ ଥିବା ଏକ ନିଛାଟିଆ ବିଲ ମଧ୍ୟରେ ଥିବା ଏକ ନିମ୍ବ ଗଛ ମୂଳରୁ ଆଜି ମଣିଷର କଙ୍କାଳ ଜବତ ହେବା ପରେ ଏହା ନରେନ୍ଦ୍ରଙ୍କ କଙ୍କାଳ ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରିଛନ୍ତି। କଙ୍କାଳ ନିକଟରେ ପଡ଼ିଥିବା ନରେନ୍ଦ୍ରଙ୍କ ପ୍ୟାଣ୍ଟ, ସାର୍ଟ, ଚପଲ ଏବଂ ନିମ୍ବ ଗଛରେ ଲାଗିଥିବା ଗାମୁଛାରୁ ପରିବାର ଲୋକେ ଏହାକୁ ଚିହ୍ନଟ କରିଛନ୍ତି। ଆର୍ଥିକ ଅନଟନ ଯୋଗୁ ପରିସ୍ଥିତିରେ ପଡ଼ି ସେ ଆତ୍ମହତ୍ୟା କରିଛନ୍ତି ବୋଲି ଏରୋକମ ଛଟେଇ କର୍ମଚାରୀ ସଂଘ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବଡ଼ପୁଅ ବାହାଘର ପ୍ରସ୍ତାବକୁ କେନ୍ଦ୍ରକରି ମତ ପାର୍ଥକ୍ୟ ହେବାରୁ ନରେନ୍ଦ୍ର ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସାତଶଙ୍ଖ ଫାଣ୍ଡି ଅଧିକାରୀ କହିଛନ୍ତି। ତେବେ କଂପାନି କର୍ତ୍ତୃପକ୍ଷଙ୍କ ଶ୍ରମିକ ମାରଣ ନୀତିକୁ ଘୋଡ଼ାଇବା ଲାଗି ପୁଲିସର ଏହା ପ୍ରାୟୋଜିତ ଡ୍ରାମା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। କାରଣ ନରେନ୍ଦ୍ର ନିଖୋଜ ହୋଇଥିବା ସଂପର୍କରେ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ଏନେଇ ମିସିଂ ରିପୋର୍ଟ କରି ନ ଥିବାରୁ ତାହା ସନ୍ଦେହଘେରକୁ ଆସୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କଥା ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ସୂଚନା ଥାଉକି ଗତ ଜୁନ ୨୯ ତାରିଖରେ ଯଶୁଆପୁରର ପବିତ୍ର ସାହୁ(୩୫) ନାମକ ଅନ୍ୟ ଜଣେ ଏରୋକମ୍ କଂପାନିର ଛଟେଇ କର୍ମଚାରୀ ଆର୍ଥିକ ଅନଟନ ଯୋଗୁ ଆତ୍ମହତ୍ୟା କରିଥିବା ସେତେବେଳେ ଅଭିଯୋଗ ହୋଇଥିଲା।

## ଶ୍ରମିକ ଆନ୍ଦୋଳନକୁ ବେଆଇନ ଘୋଷଣା

# ତିନି ଖଣି ଓ ସିଓବି ପ୍ଲାଣ୍ଟରୁ ଅଚଳାବସ୍ଥା ହଟିଲା

କାଳିଆପାଣି, ୧୮/୧୦(ଇମିସ) : କାଳିଆପାଣି ଥାନା ଅନ୍ତର୍ଗତ ଓଡ଼ିଶା ଖଣି ନିଗମ (ଓଏମ୍ସି) କ୍ରୋମ୍ଜୋନ ଅଧୀନ ଦକ୍ଷିଣ କାଳିଆପାଣି ଏଫ୍' କ୍ୱାରି କ୍ରୋମାଇଟ୍ ଖଣିରେ କାର୍ଯ୍ୟରତ ୬୫୮ ଜଣ ଠିକା ଖଣିଶ୍ରମିକଙ୍କ ଆନ୍ଦୋଳନକୁ ଆଜି ୧୮ ଦିନ ପୂରିଛି। ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ନେତୃତ୍ୱରେ ଶ୍ରମିକମାନେ ଚଳାଇଥିବା ଏହି ଆନ୍ଦୋଳନକୁ ପ୍ରଶାସନ ଓ ନିଗମ କର୍ତ୍ତୃପକ୍ଷ ବେଆଇନ ଘୋଷଣା କରିଛନ୍ତି। ଅଗଷ୍ଟ ୫ ତାରିଖରୁ ଶ୍ରମିକମାନେ ଖଣିରେ କାର୍ଯ୍ୟ ନକରି ଆନ୍ଦୋଳନ ଚଳାଇଛନ୍ତି। ଗତ ୧ ତାରିଖରେ କାଳିଆପାଣି ଥାନା ଓ ୫ ତାରିଖରେ ଭୁବନେଶ୍ୱରରେ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶାସ୍ୱତ ମିଶ୍ରଙ୍କ ଉପସ୍ଥିତିରେ ହୋଇଥିବା ସମାଧାନ ବୈଠକକୁ ଅବମାନନା କରିବା ଅଭିଯୋଗରେ ଓଏମ୍ସି କର୍ତ୍ତୃପକ୍ଷ ସମସ୍ତ ଖଣି ତଥା କାର୍ଯ୍ୟାଳୟରେ ଆଞ୍ଚଳିକ ପ୍ରବନ୍ଧକଙ୍କ ଚିଠି ନଂ ୪୬୭୮/୧୬.୧୦.୨୦୧୩ ଯୋଗେ 'କାମ ନାହିଁ ତ ଦରମା ନାହିଁ' ବିଜ୍ଞାପନ ଜାରି କରିଛନ୍ତି। ଏଥିସହିତ ସମ୍ଭାବ୍ୟ ଆଇନଶୃଙ୍ଖଳା ଆଶଙ୍କାରେ ୧୭ ତାରିଖ ସଂଧ୍ୟାରୁ ଅନ୍ୟାଦେଶ ପର୍ଯ୍ୟନ୍ତ କ୍ରୋମ୍ ଉପତ୍ୟକାରେ ଥିବା ଓଏମ୍ସି ଲିଜ୍ ଏରିଆରେ ୧୪୪ ଧାରା ଜାରି କରାଯାଇଛଇ। ଆଜି ସକାଳୁ ୬ ପ୍ଲାଟୁନ୍ ସଶସ୍ତ୍ର ପୁଲିସ୍ ଉପସ୍ଥିତିରେ ୩ ଖଣି ଦକ୍ଷିଣ କାଳିଆପାଣି ଏଫ୍' କ୍ୱାରି ଓ ଡି' କ୍ୱାରି ଏବଂ ସୁକୁରଙ୍ଗି କ୍ରୋମାଇଟ୍ ଖଣି ସହିତ ସିଓବି ପ୍ଲାଣ୍ଟରୁ ଆଜି ଅଚଳାବସ୍ଥା ହଟିଛି। ୧୭ ଦିନ ପରେ କର୍ମଚାରୀ ଓ ଅଧିକାରୀମାନେ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି। ଏଥିସହ ଲୋଡ଼ିଂ ଲେବରମାନେ ଆଜି ଖଣିରେ ୨୨୯ଟି ଟ୍ରକ୍କୁ ଲୋଡ୍ କରିଥିଲେ। ପୁଲିସ୍ ଉପସ୍ଥିତିରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା, ଜିନ୍ଦଲ ଓ ଜବାମୟୀ ଫେରୋ ଆଲଏଜ୍ ପ୍ଲାଣ୍ଟକୁ କ୍ରୋମାଇଟ୍ ପରିବହନ ହୋଇଥିଲା। ସୁକିନ୍ଦା ତହସିଲ୍ଦାର ମାନସ ରଂଜନ ସାମଲ, କଳିଙ୍ଗନଗର ଆଡିସନାଲ୍ ଏସ୍ପି ପ୍ରଦୀପ୍ତ କୁମାର ସାହାଣୀ, ଡିଏସ୍ପି ବିନେଶ ଚନ୍ଦ୍ର ବେହେରା, ଟମକା, ସୁକିନ୍ଦା ଓ କାଳିଆପାଣି ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ତୋଫାନ୍ ବାଗ ଓ ରାଇସେନ୍ ମୁର୍ମୁ ତିନି ଦଳରେ ବିଭକ୍ତହୋଇ ଓଏମ୍ସି ଏରିଆ ଓ ମୁଖ୍ୟ ସଡ଼କପଥରେ ଘନଘନ ପାଟ୍ରୋଲିଂ କରିବା ସହିତ ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଅପରପକ୍ଷରେ ଆନ୍ଦୋଳନରତ ଶ୍ରମିକମାନେ ଓଏମ୍ସି କାଳିଆପାଣି ଟାଉନ୍ସିପ୍ରେ ଓ ଆଖପାଖ ଇଲାକାରେ ଚକ୍କର କାଟୁଥିବା ବେଳେ ପୁଲିସ୍ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ଘାଗିଆସାହି ଓ ଚିରିଗୁଣିଆ ବସ୍ତି ମଝିରେ ଥିବା ପଡ଼ିଆରେ ମୁକାବିଲା ପାଇଁ ସେମାନେ ରୁଣ୍ଡ ହେଉଥିବା ବେଳେ ପୁଲିସ୍ ଉପସ୍ଥିତି ଦେଖି ଶ୍ରମିକମାନେ ଛତ୍ରଭଙ୍ଗ ଦେଇଥିଲେ। ଗରାମିଆଁ ଶିବ ମନ୍ଦିର ସମ୍ମୁଖ ପଡ଼ିଆରେ ୩୦୦ରୁ ଅଧିକ ଶ୍ରମିକ କିଛିସମୟ ପାଇଁ ଏକତ୍ରିତ ହୋଇ ପରବର୍ତ୍ତୀ ରଣନୀତି ବିଷୟରେ ଆଲୋଚନା କରିଥିଲେ। ପ୍ରଶାସନ ଓ ଓଏମ୍ସି କର୍ତ୍ତୃପକ୍ଷଙ୍କ ଦମନଲୀଳା ଓ ଶ୍ରମିକମାରଣ ନୀତିକୁ କୌଣସି ପରିସ୍ଥିତିରେ ସହ୍ୟ କରାଯିବ ନାହିଁ ଓ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଶ୍ରମିକମାନେ ମିଳିତ ବିବୃତିରେ କହିଛନ୍ତି। ଇଲାକାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲେ ମଧ୍ୟ କୌଣସି ଅପ୍ରୀତିକର ଘଟନା କିମ୍ବା ଆନ୍ଦୋଳନକାରୀଙ୍କ ଗିରଫଦାରି ଘଟିନାହିଁ। ପୁଲିସ୍ ଫୋର୍ସ ଥାନା ପରିସର ଓ ଓଏମ୍ସି କଲୋନିରେ ଭର୍ତ୍ତିହୋଇ ରହିଛନ୍ତି।




**● ଓଏମ୍ସି ଖଣି, ସିଓବି ପ୍ଲାଣ୍ଟ ଅଞ୍ଚଳରେ ୧୪୪ ଧାରା**

**● ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ, ୬ ପ୍ଲାଟୁନ୍ ଫୋର୍ସ ମୁତୟନ**

# କ୍ଷେତ୍ରବାସୀଙ୍କୁ ସୁରକ୍ଷା ଦେବାକୁ ମାନବାଧିକାର କମିସନ୍‌ଙ୍କ ନିର୍ଦ୍ଦେଶ

## 'ଦାଦନ' ବହି ବିବାଦ

ଭୁବନେଶ୍ୱର,୭।୧୦(ଇମିସ): ଚର୍ଚ୍ଚାରେ ଥିବା 'ଦାଦନ' ଗପବହିର ଗାଳ୍ପିକ କ୍ଷେତ୍ରବାସୀ ନାଏକଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ ରାଜ୍ୟ ମାନବାଧିକାର କମିସନ୍ ଆଜି ନିର୍ଦ୍ଦେଶ ଜାରି କରିଛନ୍ତି। କମିସନର ସଦସ୍ୟ ଜଷ୍ଟିସ୍ ବୀରକିଶୋର ମିଶ୍ର ଆଜି ଏ ସଂପର୍କିତ ପିଟିସନ୍‌ଟିର ପ୍ରାଥମିକ ଶୁଣାଣି କରି, ସମଗ୍ର ଘଟଣା ବାବଦରେ ସବିଶେଷ ବିବରଣୀ ଦାଖଲ କରିବାକୁ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ, ଲେଖକ ଶ୍ରୀ ନାଏକଙ୍କୁ ସୁରକ୍ଷା ଦେବାକୁ ପ୍ରଶାସନକୁ କହିଛନ୍ତି। ଆଗାମୀ ଚାରି ସପ୍ତାହ ଭିତରେ ପ୍ରଶାସନିକ ରିପୋର୍ଟ ଦାଖଲ ହେବ ଏବଂ ତା'ପରେ ମାମଲାର ପୂର୍ଣ୍ଣାଙ୍ଗ ବିଚାର ହେବ ବୋଲି କମିସନ୍ ସ୍ପଷ୍ଟ କରିଦେଇଛନ୍ତି।

କଥିତ 'ଦାଦନ' ଗପବହି ପାଇଁ ନିକଟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଛନ୍ତି କ୍ଷେତ୍ରବାସୀ। ତେବେ ବହିର 'ଦାଦନ-୨' ଗପରେ କେତେ ଜଣ ଗ୍ରାମବାସୀଙ୍କ ଚରିତ୍ରକୁ ଭୁଲ୍ ଚିତ୍ରଣ କରାଯାଇଥିବା ହେତୁ ବିବାଦ ଉପୁଜିଥିଲା। ମାମଲା ଥାନାଯାଏ ଯାଇଥିଲା। ବହିର ବର୍ତ୍ତମାନ ସଂସ୍କରଣକୁ ସର୍ବସାଧାରଣରେ ପୋଡ଼ି କ୍ଷମାପ୍ରାର୍ଥନା କରିବାକୁ ଏବଂ ପରବର୍ତ୍ତୀ ସଂସ୍କରଣରୁ ବିବାଦୀୟ ଗପଟିକୁ ବାଦ୍ ଦେବାକୁ ଗାଳ୍ପିକ ଶ୍ରୀ ନାଏକଙ୍କୁ କୁହାଯାଇଥିଲା। ଏ ସଂପର୍କରେ 'ସମ୍ବାଦ'ରେ ରିପୋର୍ଟ ପ୍ରକାଶ ପାଇବା ପରେ, ରାଜ୍ୟବ୍ୟାପୀ ସାହିତ୍ୟିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। 'ସମ୍ବାଦ' ରିପୋର୍ଟ ଭିତ୍ତିରେ ଆଇନଜୀବୀ ଦେବସ୍ମାନ ଦାସ ଦୁଇ ଦିନ ତଳେ ରାଜ୍ୟ ମାନବାଧିକାର କମିସନ୍‌ରେ ଏକ ପିଟିସନ୍ ରୁଜୁ କରିଥିଲେ। ବହି ପୋଡ଼ିବା ବା ଲେଖକଙ୍କୁ କ୍ଷମା ମଗାଇବା ଭଳି କାମ ବ୍ୟକ୍ତି ସ୍ୱାଧୀନତା, ମାନବାଧିକାର ଓ ସମ୍ବିଧାନପ୍ରଦତ୍ତ ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ପିଟିସନ୍‌ରେ ଦର୍ଶାଯାଇଥିଲା। ଏକାଡେମୀ ପୁରସ୍କାରପ୍ରାପ୍ତ ଏ ବହିଟି ଜାତୀୟ ସଂପତ୍ତି ହୋଇଥିବାରୁ ଏହାକୁ ସୁରକ୍ଷିତ ରଖିବାକୁ ଏବଂ ଲେଖକ ଶ୍ରୀ ନାଏକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ କମିସନ୍‌ଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା। ପିଟିସନ୍‌ର ବିଚାର କରି ଆଜି କମିସନ୍ ସୁରକ୍ଷା ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଶ୍ରୀ ଦାସ ଲୋକପାଳଙ୍କ କୋର୍ଟରେ ମଧ୍ୟ ଏକ ପିଟିସନ୍ ଦାଏର୍ କରିଥିଲେ। ଗତ ଶନିବାର ଦିନ ଲୋକପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବଲାଙ୍ଗୀର ଜିଲ୍ଲା ଓ ପୁଲିସ୍ ପ୍ରଶାସନକୁ ଏନେଇ ରିପୋର୍ଟ ମଗାଯାଇଛି।

## ଚଡ଼କଯାତ୍ରାରେ ଲାଠି ମାଡ଼

# ମାନବାଧିକାର କମିସନ୍‌ରେ ତଦନ୍ତ ରିପୋର୍ଟ ଦାଖଲ, ପୁଲିସକୁ କ୍ଲିନ୍ ଚିଟ୍

କଟକ,୮।୧୦(ଇମିସ): ବାଲେଶ୍ୱର ଜିଲ୍ଲା ଚନ୍ଦନେଶ୍ୱରର ପ୍ରସିଦ୍ଧ ଚଡ଼କ ଯାତ୍ରାରେ ଗତବର୍ଷ ଶ୍ରଦ୍ଧାଳୁଙ୍କ ଉପରେ ପୁଲିସର ଲାଠିମାଡ଼ ମାମଲାରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିସନ୍ ଓ ପୁଲିସର ତଦନ୍ତ ରିପୋର୍ଟକୁ ଦାଖଲ କରାଯାଇଛି। ଘଟଣା ସଂପର୍କରେ ରିପୋର୍ଟ ପ୍ରଦାନ କରିବା ପାଇଁ ଜାତୀୟ ଜାତୀୟ ମାନବାଧିକାର କମିସନ୍ ରାଜ୍ୟ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜ୍ୟ ସରକାର କେନ୍ଦ୍ରାଞ୍ଚଳ ରାଜସ୍ୱ କମିସନ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ କମିସନ୍‌ଙ୍କ ନିକଟରେ ରାଜ୍ୟ ସରକାର ଦୁଇଟିଯାକ ରିପୋର୍ଟ ଦାଖଲ କରିଛନ୍ତି। ପୁଲିସ ତଦନ୍ତ ସଂକ୍ରାନ୍ତ ରିପୋର୍ଟ ବାଲେଶ୍ୱର ଏସ୍‌ପି ଦାଖଲ କରିଥିଲା ବେଳେ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଆର୍‌ଡିସିଙ୍କ ରିପୋର୍ଟ ଦାଖଲ କରିଛନ୍ତି। ଏହି ଘଟଣାରେ ପୁଲିସ କର୍ମଚାରୀ ଦାୟୀ ନୁହନ୍ତି ବୋଲି ଆର୍‌ଡିସି ତାଙ୍କ ତଦନ୍ତ ରିପୋର୍ଟ ପ୍ରକାଶ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଗତବର୍ଷ ଏପ୍ରିଲ ୧୨ ତାରିଖରେ ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ଯାତ୍ରାରେ ଚନ୍ଦନ ଲଗାଇବାକୁ ନେଇ ପୁଲିସ ଓ ଭକ୍ତଙ୍କ ମଧ୍ୟ କଥା କଟାକଟି ହୋଇଥିଲା। ପରେ ଏହା ଗଣ୍ଡଗୋଳ ରୂପ ନେଇଥିଲା। ଉତ୍ୟକ୍ତ ପୁଲିସ କର୍ମୀମାନେ ଭକ୍ତଙ୍କ ଉପରେ ଆଖିବୁଜା ଲାଠିମାଡ଼ କରିବା ସହ ଗୋଡାଇ ଗୋଡାଇ ପିଟିଥିଲେ। ଏଥିରେ ବହୁ ଭକ୍ତ ଆହତ ହୋଇଥିଲା ବେଳେ ସମ୍ବାଦ ସଂଗ୍ରହ କରୁଥିବା ବେଳେ ୬ଜଣ ସାମ୍ବାଦିକ ମଧ୍ୟ ଆହତ ହୋଇଥିଲେ। ଏ ମାମଲାରେ ହସ୍ତକ୍ଷେପ ଲୋଡି ଇଣ୍ଡିଆ ମିଡ଼ିଆ ସେଣ୍ଟର ଟ୍ରଷ୍ଟି ଶ୍ରୀ ଅଖଣ୍ଡଙ୍କ ପକ୍ଷରୁ ଜାତୀୟ ମାନବାଧିକାର କମିସନ୍‌ଙ୍କ ନିକଟରେ ପିଟିସନ୍ ଦାଏର କରାଯାଇଥିଲା। ଲାଠି ଚାର୍ଜ କରିଥିବା ପୁଲିସ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଲାଠିମାଡ଼ରେ ଗୁରୁତର ଆହତଙ୍କୁ ୫୦ହଜାର ଓ ସାମାନ୍ୟ ଆହତଙ୍କୁ ୧୫ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। କମିସନ୍‌ଙ୍କ ଶୁଣାଣି ଅବସରରେ ଆର୍‌ଡିସିଙ୍କ ରିପୋର୍ଟ ଦାଖଲ କରାଯାଇଛି। ମେଳାରେ କିଛି ଯୁବକ ଜଣେ ଯୁବତୀଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ ଓ ଏଥିରେ ପୁଲିସ ହସ୍ତକ୍ଷେପ କରିବାରେ କିଛି ବିଶୃଙ୍ଖଳିତ ବ୍ୟକ୍ତି ପୁଲିସକୁ ଆକ୍ରମଣ କରିଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏପରିକି ପୁଲିସକୁ ପୋଡି ମାରିଦେବା ପାଇଁ ମଧ୍ୟ ଉଦ୍ୟମ ହୋଇଥିଲା ବୋଲି ରିପୋର୍ଟରେ ପ୍ରକାଶ କରାଯାଇଛି। ପୁଲିସ ଓ ଆର୍‌ଡିସିଙ୍କ ରିପୋର୍ଟ ସଂପର୍କରେ ଜବାବ ଦାଖଲ କରିବା ପାଇଁ କମିସନ୍ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ୬ ସପ୍ତାହ ମଧ୍ୟରେ ଏହି ଜବାବ ଦାଖଲ କରିବେ।

# ଅନାହାରରେ ଆଖି ବୁଜିଲେ ସାଗର

ବ୍ରହ୍ମଗିରି, ୮।୧୦ (ଇମିସ): ଦୀର୍ଘ ୧୫ ଦିନର ଅନାହାରରେ ସଂଗ୍ରାମ ପରେ ଆଜି ସଂଧ୍ୟାରେ ସାଗର ଗୋଛାୟତ (୨୫) ଆରପାରିକୁ ଚାଲି ଯାଇଛନ୍ତି। କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ପାଖରେ ପହଞ୍ଚି ନାହାଁନ୍ତି। ଅନାହାରରେ ଥିବା ବେଳେ ନା ଆଜି ମୃତ୍ୟୁ ପରେ କୌଣସି ଅଧିକାରୀ ଘଟଣାସ୍ଥଳରେ ନ ମାଡ଼ିବାକୁ ନେଇ ଏଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସଂଧ୍ୟା ୬ଟା ବେଳେ ସାଗରଙ୍କର ମୃତ୍ୟୁ ଘଟିଥିବା ବେଳେ ରିପୋର୍ଟ ଲେଖା ହେବା ବେଳକୁ ଶବ ସେହି ଭଙ୍ଗା କୁଡ଼ିଆରେ ପଡ଼ିରହିଛି। ସାଗର ଓ ତାଙ୍କ ପତ୍ନୀ ଅନାହାରରେ ପଡ଼ିଥିବା ବିଭିନ୍ନ ଗଣମାଧ୍ୟମରେ ୨ ଦିନ ପୂର୍ବେ ଖବର ପ୍ରକାଶ ପାଇଥିଲା। କିନ୍ତୁ କୌଣସି



ସ୍ଥାନୀୟ ନା ଜିଲ୍ଲା ଅଧିକାରୀଙ୍କ ଏହି ଦଳିତ ଦମ୍ପତିଙ୍କ କୁଡ଼ିଆରେ ପାଦ ପଡ଼ି ନ ଥିଲା। ଏହି ଦମ୍ପତି ଭିନ୍ନକ୍ଷମ ମଧ୍ୟ ଅଟନ୍ତି। ସରକାରଙ୍କର କୌଣସି ଯୋଜନା ଏମାନଙ୍କ ପାଖରେ ପହଞ୍ଚିନାହିଁ। ନିଜ ଗାଁ ଧରଣୀକୁଦିରୁ ଆସି ଗଡ଼ରୋଡ଼ଙ୍ଗ ପଞ୍ଚାୟତ ଖଣ୍ଡୁଆଳପୁର ଗାଁର ୧୨ ନଂ. ୱାର୍ଡ଼ରଏକ ରାଜପଥ କଡ଼ରେ ରହିଥିଲେ। ପିଲାପିଲି କେହି ନାହାନ୍ତି। ସ୍ଥାନୀୟ ଯୁବକ ଘରଖଣ୍ଡିଏ ପାଇଁ ସହଯୋଗ କରିଥିଲେ। ଭିକ୍ଷାବୃତ୍ତି କରି ଦମ୍ପତି ପେଟ ପୋଷୁଥିଲେ। ୧୫ ଦିନ ପୂର୍ବେ ହଠାତ୍ ଶରୀର ଅସୁସ୍ଥ ହେବା ପରେ ସାଗର ଶଯ୍ୟାଶାୟୀ ହୋଇଗଲେ। ଏମାନଙ୍କ ପେଟକୁ ଦି'ଓଳି ମୁଠେ ଖାଇବା ଯୋଗାଡ଼ କରିପାରିଲେ ନାହିଁ। ଶେଷରେ ଆଜି ସଂଧ୍ୟାରେ ସାଗର ଆରପାରିକୁ ଚାଲିଗଲେ। ଏଠି ପ୍ରଶ୍ନ ଉଠୁଛି ସରକାରଙ୍କର ଯୋଜନା କାହା ପାଇଁ। ଅନାହାରରେ ପଡ଼ିଥିବା ବେଳେ ସରକାରୀ ଅଧିକାରୀଙ୍କ ଦେଖା ନ ମିଳିବା ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି।

# ଝାଡ଼ାବାନ୍ତିରେ ୪୦ ଆକ୍ରାନ୍ତ, ଜଣେ ମୃତ

ନୀଳଗିରି, ୮/୧୦(ଇମିସ): ଲଗାଣ ବର୍ଷା ଫଳରେ ଜଳ ପ୍ରଦୂଷଣ ଯୋଗୁଁ ନୀଳଗିରି ବ୍ଲକର ବିଭିନ୍ନ ଅଞ୍ଚଳରେ ଝାଡାବାନ୍ତି ବ୍ୟାପିଥିବା ଜଣାଯାଉଛି । ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ୪୦ରୁ ଅଧିକ ବ୍ୟକ୍ତି ବିଭିନ୍ନ ଡାକ୍ତରଖାନାକୁ ଆସିଥିବାବେଳେ କୁନ୍ଦନ ସିଂ ନାମକ ଜଣେ ୮ ବର୍ଷ ବାଳକର ମୃତ୍ୟୁ ଘଟିଛି । ଗତକାଲି ୮ ଜଣ ଝାଡାବାନ୍ତି ରୋଗୀ ସ୍ଥାନୀୟ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ଆଜି ରୋଗୀ ସଂଖ୍ୟା ବଢ଼ିଚାଲିଥିଲା ।

ନୀଳଗିରି ବ୍ଲକର କଣ୍ଟାବଣିଆ, ଚଣ୍ଡୀପୁର, ଅଁଳାପାଳ, ଚନ୍ଦରପୁର ଓ ଜାମବଣି ଅଞ୍ଚଳରୁ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ଝାଡାବାନ୍ତି ରୋଗୀ ଆସୁଥିବାବେଳେ ଏନ୍ଏସିର ବାଣପୁର, ସାନଅତା, ବାଲିଗୋହିରୀ, ମିରିଗିଣି ଓ କାହାଳିଆ ଅଞ୍ଚଳରୁ ରୋଗୀ ଆସି ଚିକିତ୍ସିତ ହେଉଛନ୍ତି । ସେହିପରି ଔପଦା ବ୍ଲକ ଜୁରିଆପାଟଣା ଗାଁରୁ ମଧ୍ୟ କିଛି ରୋଗୀ ଆସି ଚିକିତ୍ସିତ ହେଉଛନ୍ତି । ନୀଳଗିରି ଓ ବରହମପୁର ଥାନା ଅଧୀନରେ ଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ି ଦୁଇଟି ଗତକାଲି ଠାରୁ ଲଗାତାର ରୋଗୀ ବୋହିବା ଆରମ୍ଭ କରିଥିଲେ । ଗତକାଲି ଗରଡ଼ିହ ପଞ୍ଚାୟତ ଅଧୀନ ଚନ୍ଦ୍ରପୁର ଗାଁର ରବୀନ୍ଦ୍ର ସିଂ(୫୦), ମହେଶ୍ୱର ସିଂ(୨୨), ଅଁଳାପାଳ ଗାଁର ସରସ୍ୱତୀ ସାହୁ(୩୮) ଏବଂ ମଲ୍ୟାଣି ଗାଁର ସସ୍ମିତା ବିଶ୍ୱାଳଙ୍କୁ ୧୦୮ ଗାଡ଼ି ଯୋଗେ ଅଣାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେହିପରି ଅଭିମନ୍ୟୁ ପ୍ରଧାନ, କପିଳ ସିଂ, ରେବତୀ ମଲ୍ଲିକ, ବିଜୟ କୁମାର ମୁଖୀ, ରଜନୀ ପ୍ରଧାନ, ବାସନ୍ତୀ ସିଂ, ଶାମ ସିଂ, ସନ୍ଦେଶ କୁମାର ବେହେରା, ସତ୍ୟନାରାୟଣ ପ୍ରଧାନ ଓ ଭାଗ୍ୟବତୀ ସିଂ ପ୍ରମୁଖ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।



ଗତକାଲି କାହାଳିଆ ଗାଁରୁ ଆସିଥିବା ଅଜୁ ସିଂଙ୍କ ୮ ବର୍ଷର ପୁଅ କୁନ୍ଦନକୁ ଝାଡା ହେବା ପରେ ଡାକ୍ତରଖାନାକୁ ଅଣାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋର୍ ସମୟରେ ତା'ର ମୃତ୍ୟୁ ଘଟିଛି । ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଜଳ ଦୂଷିତ ହୋଇଯାଇଛି । ଦୂଷିତ ଜଳକୁ ବ୍ୟବହାର କରିବା ଦ୍ୱାରା ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଥିବା ସ୍ଥାନୀୟ ଚିକିତ୍ସାଧିକାରୀ କହିଛନ୍ତି ।

# ଝାଡ଼ାବାନ୍ତିରେ ଜଣେ ମୃତ, ୧୫ ଆକ୍ରାନ୍ତ

ଚଣ୍ଡିଖୋଲ,୧୫/୧୦(ଇମିସ): ଦୁର୍ଯ୍ୟୋଗ ପରେ ଦୁର୍ଯ୍ୟୋଗ। ବାତ୍ୟା, ବନ୍ୟା ପରେ ଏବେ ଦାଉ ସାଧିଛି ଝାଡ଼ାବାନ୍ତି ରୋଗ । ଏହି ରୋଗରେ କୁନ୍ଦଳ ପଂଚାୟତ ଅନ୍ତର୍ଗତ କୁନ୍ଦଳ ନାୟକସାହିର ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ୧୫ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । କୁନ୍ଦଳନାୟକ ସାହିରେ ନାରାୟଣ ନାୟକ(୫୮) ପ୍ରଥମେ ଝାଡ଼ାବାନ୍ତି ରୋଗରେ ଶନିବାର ଦିନ ଆକ୍ରାନ୍ତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ପରେ ଏହି କୁନ୍ଦଳ ଗ୍ରାମର ନାୟକ ସାହିର ଯଦୁନାଥ ନାୟକ(୬୦), ତାଙ୍କପତ୍ନୀ ତମଳା ନାୟକ(୫୪), କୁଣ୍ଠା ନାୟକ(୪୦), ଲକ୍ଷ୍ମୀଧର ନାୟକ(୩୫), ମଂଜୁଳା ନାୟକ(୩୭), ଚମ୍ପା ନାୟକ(୨୫), ମାଳତୀ ନାୟକ(୩୮), ମଲି ନାୟକ(୪୦), ପୂଜା ନାୟକ(୩୧), ବାସନ୍ତି ନାୟକ(୩୫)ଙ୍କ ସମେତ ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ । ଆଜି ଏହି ଗାଁରେ ଡାକ୍ତରୀଦଳ ପହଞ୍ଚି ରୋଗୀମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେଉଛନ୍ତି । ଆକ୍ରାନ୍ତ ରୋଗୀମାନଙ୍କ ମଧ୍ୟରୁ ଯଦୁନାଥ ନାୟକ ବର୍ତ୍ତମାନ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ କେତେକ ରୋଗୀ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହି ଚିକିତ୍ସିତ ହେଉଥିବା ଜଣାଯାଇଛି ।

# ଡାହାଣୀ ସଂଦେହରେ ବୃଦ୍ଧାଙ୍କୁ ହତ୍ୟା: ଅଭିଯୁକ୍ତର ଆତ୍ମସମର୍ପଣ

ବଣାଇଁଗଡ଼,୧୬/୧୦(ଇମିସ): ସୁନ୍ଦରଗଡ଼ ଜିଲ୍ଲାର ଲହୁଣୀପଡ଼ା ଥାନା ଛିଡ଼ାକୁଦର ଗାଁରେ ଗତକାଲି ରାତିରେ ଡାହାଣୀ ସନ୍ଦେହରେ ଜଣେ ବିଧବା ବୃଦ୍ଧାଙ୍କୁ ଅତି ନୃଶଂସ ଭାବେ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଅଭିଯୁକ୍ତ ଜଣକ ଆଜି ଥାନାରେ ଆତ୍ମସମର୍ପଣ କରିଛି।

ଛିଡ଼ାକୁଦର ଗ୍ରାମର ନାଏକ ମୁଣ୍ଡାଙ୍କ ପରିବାରର ଲୋକେ କିଛି ଦିନ ହେବ ଜ୍ୱରରେ ପୀଡ଼ିତ ହୋଇ ଆସୁଥିଲେ। ପରିବାରର ଏପରି ଦୁର୍ଦ୍ଦଶା ପାଇଁ ନାଏକ ମୁଣ୍ଡା ନିଜର ପଡ଼ୋଶୀ ବିଧବା ମହିଳା ମାସୁରୀ ମୁଣ୍ଡା(୬୫)କୁ ସଂଦେହ କରିଆସୁଥିଲା। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଡାହାଣୀ ସନ୍ଦେହରେ ସେ ମାସୁରୀଙ୍କୁ ସବୁଦିନ ପାଇଁ ରାସ୍ତାରୁ ସଫା କରି ଦେବାକୁ ନିଷ୍ପତ୍ତି ନେଇଥିଲା। ଗତକାଲି ରାତିରେ ନାଏକ ମୁଣ୍ଡା ଏକ ଟାଙ୍ଗିଆ ଧରି ପଡ଼ୋଶୀ ମାସୁରୀଙ୍କ ଘରେ ପ୍ରବେଶ କରିଥିଲା। ମାସୁରୀ ଏକ ଖଟିଆ ଉପରେ ଶୋଇଥିବା ଅବସ୍ଥାରେ ନାଏକ ଟାଙ୍ଗିଆରେ ତାଙ୍କୁ ଚୋଟ ପରେ ଚୋଟ ପକାଇ ମୁଣ୍ଡଗଣ୍ଡି ଅଲଗା କରି ଦେଇଥିଲା। ମାସୁରୀଙ୍କ ୫ ବର୍ଷର ପୁଅ ଅନ୍ୟତ୍ର ଶୋଇଥିବାରୁ ଏହି ହତ୍ୟାକାଣ୍ଡ ସଂପର୍କରେ ସେ ଜାଣିପାରି ନଥିଲେ। ଆଜି ସକାଳେ ଘଟନା ସଂପର୍କରେ ଜଣାପଡ଼ିବା ପରେ ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମୃତା ବୃଦ୍ଧାଙ୍କ ପରିବାର ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ନାଏକକୁ ଖୋଜିବାରୁ ଭୟରେ ସେ ଲହୁଣୀପଡ଼ା ଥାନାରେ ଯାଇ ଆତ୍ମସମର୍ପଣ କରିଥିଲା। ଏନେଇ ପୁଲିସ ଥାନାରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ନାଏକ ମୁଣ୍ଡାକୁ ଗିରଫ କରି ପଚରାଉଚରା କରୁଛି।

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557.***